RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -156 ସଂଖ୍ୟା-୧୫୬
ଭୁବନେଶ୍ୱର, ମଙ୍ଗଳବାର ୦୧ ସେପ୍ଟେମ୍ବର ୨୦୨୬
Bhubaneswar, Tuesday 01 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ବାଣ କାରଖାନାରେ ବିସ୍ଫୋରଣ: ୭ ମୃତ

ଲକ୍ଷ୍ନୌ,୩୧।୮: ଉତ୍ତରପ୍ରଦେଶର କୌଶାମ୍ବିର ପିପରି ଥାନା ଅଞ୍ଚଳର ମହମୁଦପୁରରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟିଛି। ଏଥିରେ ସାତ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରୟାଗରାଜର ଏସଆରଏନ ହସ୍ପିଟାଲର ଟ୍ରମା ସେଣ୍ଟରକୁ ନିଆଯାଇଛି। ଗୁରୁତର ଅବସ୍ଥାରେ ଜଣେ ମହିଳାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କାରଖାନା ପାଖରେ ଥିବା ୫ ଘର ଭାଙ୍ଗିରୁଜି ଯାଇଛି ବୋଲି କୌଶାମ୍ବି ସର୍କଲ ଅଫିସର ଶିବଙ୍କ ସିଂହ କହିଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ପୂର୍ବାହ୍ନ ୧୧ଟା ସମୟରେ କାରଖାନାରେ ସିରିଜ୍ ବିସ୍ଫାରଣ ଘଟିଥିବା କୁହାଯାଉଛି।

### ଭୁବନେଶ୍ୱରରେ ରାଜ୍ୟ ସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳିତ

# ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କାର ୫୯୩ ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର,୩୧।୮(ନି.ପ୍ର.): ଆମ ସହର କେବଳ ବାସ ସ୍ଥାନ ନୁହେଁ, ସହର ହେଉଛି ରୋଜଗାର, ଉଦ୍ୟମ, ଶିକ୍ଷା ଓ ସମୃଦ୍ଧିର କେନ୍ଦ୍ର। ସହର ଗୁଡିକୁ ଆମକୁ ଏଭଳି ଅର୍ଥନୈତିକ କେନ୍ଦ୍ର ଭାବେ ଗଢିବାକୁ ହେବ, ଯେଉଁଠି ଯୁବ ପିଢି ନୂଆ ସୁଯୋଗ ପାଇବେ, ଉଦ୍ୟୋଗୀମାନେ ଆଗକୁ ବଢିବେ ଏବଂ ନୂଆ ରୋଜଗାର ସୃଷ୍ଟି ହେବ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସ୍ୱାୟତ୍ତ ଶାସନ ଦିବସ- ୨୦୨୬ ପାଳନ ଅବସରରେ କହିଛନ୍ତି।

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ନବଗଠିତ ୨୮ଟି ଘଇଉରେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ପ୍ରତ୍ୟେକ ଘଇଉ ପାଇଁ ୨୦ କୋଟି ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ। ଏଥିରେ ସମ୍ପୃକ୍ତ ଅଞ୍ଚଳ ଗୁଡିକରେ ରାସ୍ତା, ଡ୍ରେନ୍, ମାର୍କେଟ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ସମ୍ପନ୍ନ ହେବ। ଏଥିସହିତ ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କା ବିନିଯୋଗରେ ୫୯୩ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଆଜି ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ଗୁଡିକ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧୀନରେ କାର୍ଯ୍ୟକାରୀ ହେବ। ଏଥିରେ ୧୦୨ କୋଟି ଟଙ୍କା ମୂଲ୍ୟର ୪୨୩ଟି ପ୍ରକଳ୍ପର ଉଦ୍ ?ଘାଟନ ଥିବା ବେଳେ, ୨୨୧ କୋଟି ଟଙ୍କା ମୂଲ୍ୟର ୧୭୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି।

ପୌର ସଂସ୍ଥାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ନାଗରିକମାନଙ୍କୁ ସମ୍ମାନର ସହ ସେବା ଯୋଗାଇଦେବା ପାଇଁ ପୌର ପ୍ରଶାସନର ଅଧିକାରୀ, କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୌର ସଂସ୍ଥା ଗୁଡିକରେ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର, କାର୍ଯ୍ୟପଦ୍ଧତିର ସରଳୀକରଣ ଓ ସମୟବଦ୍ଧ ସମାଧାନକୁ ଗୁରୁତ୍ୱ ଦେଇ କାର୍ଯ୍ୟ ସଂସ୍କୃତିରେ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ପ୍ରତ୍ୟେକ ସହରକୁ ଓଡିଶାର ଅର୍ଥନୈତିକ ବିକାଶର




ଶକ୍ତିଶାଳୀ ଇଞ୍ଜିନ ଭାବେ ଗଢି ତୋଳିବା ପାଇଁ ଆହ୍ୱାନ କରିଥିଲେ। ସହରାଞ୍ଚଳର ନିର୍ବାଚିତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକଙ୍କ ଆଶା, ଆକାଂକ୍ଷା ଓ ଅବଶ୍ୟକତାକୁ କେନ୍ଦ୍ରରେ ରଖି ଆମେ କାମ କରୁଛୁ। ତେଣୁ, ଲୋକଙ୍କ ସହିତ ରହି, ଲୋକଙ୍କ ସମସ୍ୟାକୁ ଶୁଣି ଅଧିକାରୀମାନଙ୍କ ସହିତ ସମନ୍ୱୟ ରକ୍ଷା କରି କାମ କରିବା ପାଇଁ ସେ ଆହ୍ୱାନ କରିଥିଲେ।

ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌର ସଂସ୍ଥା ଗୁଡିକର ଦକ୍ଷତା ବୃଦ୍ଧି ପାଇଁ ଆଜି ଓଡିଶା ଅର୍ବାନ ଏକାଡେମୀ ସହିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, Indian School of Business ଏବଂ National Institute of Urban Affairs ର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏଥି ସହିତ CRUT ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ଆହୁରି ମଧ୍ୟ ୧୧୫ଟି ପୌର ସଂସ୍ଥାରେ OSWAN Video Conferencing ସୁବିଧା ଏବଂ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ବନ୍ଧୁ', ଓଡିଶା ଯାତ୍ରୀ ଏସ୍.ଓ.ଏସ୍. ଆପ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ପୌର ସଂସ୍ଥା ଗୁଡିକର କର୍ମଚାରୀ, ସ୍ୱଚ୍ଛ ସାଥୀ, ଜଳ ସାଥୀ, ପରିମଳ କର୍ମୀ ଏବଂ ଉଜଟଞ୍ଜର କର୍ମଚାରୀମାନଙ୍କୁ ନିଷ୍ଠାପର କାର୍ଯ୍ୟ ପାଇଁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଫୁଲବାଣୀ ପୌର ପରିଷଦର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ରୁନୁ ପ୍ରଧାନଙ୍କ ସହିତ ଘର ନିର୍ମାଣ ସମ୍ପର୍କରେ ଆଲୋଚନା କରି ଧାର୍ଯ୍ୟ ସମୟସୀମା ଭିତରେ ଘର ସମ୍ପୂର୍ଣ୍ଣ କରିଥିବାରୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଆମ ସରକାର ଦାୟିତ୍ୱ ନେବା ପରେ ୨୮ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ, ୭ଟି ନୂତନ ପୌର ପରିଷଦ ଗଠନ ସହିତ ପୁରୀକୁ ମହାନଗର ନିଗମର ମାନ୍ୟତା ପ୍ରଦାନ କରାଯାଇଛି। ଆମେ କେବଳ ରାଜ୍ୟର ବଡ ସହର ନୁହେଁ, ଛୋଟ ଛୋଟ NAC ଓ Municipality ଅଞ୍ଚଳ ଗୁଡିକର ସହରୀୟ ଭିତ୍ତିଭୂମି ବିକାଶକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଛୁ ବୋଲି କହି ସ୍ୱଚ୍ଛ ଓଡିଶା, ନିଶାମୁକ୍ତ ଓଡିଶା ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇ ଭୁବନେଶ୍ୱରକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ଅର୍ଜନ କ୍ଷେତ୍ରରେ ଏକ ଶ୍ରେଷ୍ଠ ସହର ଭାବେ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଥିଲେ ଯେ, ସହରାଞ୍ଚଳବାସୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ସହରାଞ୍ଚଳବାସୀଙ୍କ ସହଯୋଗରେ ହିଁ ସହରାଞ୍ଚଳର ବିକାଶ ସମ୍ଭବ ହେବ ବୋଲି ସେ କହିଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ସୁଦ୍ଧା ରାଜ୍ୟରେ ସହରୀକରଣ ୪୦ ପ୍ରତିଶତ ଓ ୨୦୪୭ ସୁଦ୍ଧା ୬୦ ପ୍ରତିଶତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। କାର୍ଯ୍ୟକ୍ରମରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୌର ପ୍ରଶାସନର ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ୍ ଡାକୁଆ ଧନ୍ୟବାଦ ଦେଇଥିଲେ।

# ଆରମ୍ଭ ହେଲା ଅନ୍ନପୂର୍ଣ୍ଣ ଗ୍ରେନ୍ ଏଟିଏମ୍

ଢେଙ୍କାନାଳ: ଖାଦ୍ୟଶସ୍ୟ ଆବଣ୍ଟନକୁ ସୁଲଭ ଓ ସହଜ କରିବା ନିମନ୍ତେ ଢେଙ୍କାନାଳରେ ଆଜି (ସୋମବାର) 'ଅନ୍ନପୂର୍ଣ୍ଣ ଖାଦ୍ୟଶସ୍ୟ (ଗ୍ରେନ୍) ଏଟିଏମ୍' ଉଦ୍‌ଘାଟିତ ହୋଇଛି। ଓଡ଼ିଶା ସରକାର ଓ ଜାତିସଂଘ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମର ମିଳିତ ଆନୁକୂଲ୍ୟରେ ଏହି ଶସ୍ୟ ବଣ୍ଟନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ୟୁଏନ୍ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ, ଭାରତର ଉପନିର୍ଦ୍ଦେଶିକା ନୋଜୋମି ହାଶିମୋଟୋ ଉପସ୍ଥିତ ଥିଲେ। ଏହି ଅବସରରେ ସୁଶ୍ରୀ ହାଶିମୋଟୋ କହିଥିଲେ ଯେ, ଏହି ପ୍ରକଳ୍ପ ପ୍ରଯୁକ୍ତି, ସ୍ୱଚ୍ଛତା ଓ ମାନବିକ ସେବାର ଏକ ସୁନ୍ଦର ସମନ୍ୱୟ। ଏହା ଭାରତର ଖାଦ୍ୟ ବଣ୍ଟନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବାରେ ସହାୟକ ହେବ। ଏହି ମେସିନ୍‌ର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ, ଓଡ଼ିଶା ଫିଲ୍ଡ ଅଫିସ୍‌ର ମୁଖ୍ୟ ହିମାଂଶୁ ବଳ କହିଛନ୍ତି, ବର୍ତ୍ତମାନର ଲଜିଷ୍ଟିକ୍ସ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମେସିନ୍ ଏକ ସମୟରେ ୨୫ କିଲୋଗ୍ରାମ ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ବଣ୍ଟନ କରିପାରିବ।

ଏହାର ଆଉ ଏକ ବିଶେଷ ସୁବିଧା ହେଉଛି, ହିତାଧିକାରୀମାନେ ନିଜର ସମ୍ପୂର୍ଣ୍ଣ ମାସିକ ଖାଦ୍ୟଶସ୍ୟ ପ୍ରାପ୍ୟକୁ ଗୋଟିଏ ଥରରେ ନେବାକୁ ବାଧ୍ୟ ନୁହନ୍ତି। ଉଦାହରଣ ସ୍ୱରୂପ, କୌଣସି ପରିବାରକୁ ମାସକୁ ୫୦ କିଲୋଗ୍ରାମ ଚାଉଳ ମିଳିବାକୁ ଥିଲେ, ସେମାନେ ନିଜ ସୁବିଧା ଅନୁଯାୟୀ




ଏକାଧିକ ଥରରେ ତାହା ଗ୍ରହଣ କରିପାରିବେ। ଅର୍ଥାତ୍, ଏକ ମାସ ମଧ୍ୟରେ ନିଜ ଆବଶ୍ୟକତା ଅନୁଯାୟୀ ପ୍ରାପ୍ୟ ରାସନ ନେବାର ସୁବିଧା ରହିବ।

ଅନ୍ନପୂର୍ଣ୍ଣ ଗ୍ରେନ୍ ଏଟିଏମ୍' ସାଧାରଣ ଏଟିଏମ୍ ଭଳି ୨୪ ଘଣ୍ଟା, ସପ୍ତାହର ସାତ ଦିନ କାର୍ଯ୍ୟ କରିପାରିବ। ଏହା ଫଳରେ ହିତାଧିକାରୀମାନେ ନିର୍ଦ୍ଦିଷ୍ଟ ଦୋକାନ ଖୋଲିବା ସମୟ ଉପରେ ନିର୍ଭରଶୀଳ ନହୋଇ ନିଜ ସୁବିଧା ଅନୁଯାୟୀ ରାସନ ଗ୍ରହଣ କରିପାରିବେ। ମେସିନ୍‌ଟି ସୌରଶକ୍ତି ମାଧ୍ୟମରେ ମଧ୍ୟ ପରିଚାଳିତ ହୋଇପାରିବ। ଗ୍ରେନ୍ ଏଟିଏମ୍ ବ୍ୟବହାର ପ୍ରକ୍ରିୟାକୁ ସରଳ ରଖାଯାଇଛି। ହିତାଧିକାରୀମାନେ ନିମ୍ନଲିଖିତ ପଦକ୍ଷେପରେ ନିଜର ଖାଦ୍ୟଶସ୍ୟ ଗ୍ରହଣ କରିପାରିବେ। ମେସିନ୍ ସାମ୍ନାରେ ଚିହ୍ନିତ ସ୍ଥାନରେ ଠିଆ ହୁଅନ୍ତୁ। e-POS ଡିଭାଇସ୍‌ରେ ନିଜର ରାସନ କାର୍ଡ ନମ୍ବର ଦାଖଲ କରି ତଥ୍ୟ ଯାଞ୍ଚ କରନ୍ତୁ। ହିତାଧିକାରୀଙ୍କ ପ୍ରାପ୍ୟ ସମ୍ପର୍କିତ ତଥ୍ୟ ମଧ୍ୟ ମେସିନ୍‌ର ସ୍କ୍ରିନ୍‌ରେ ପ୍ରଦର୍ଶିତ ହେବ। ଆଧାର ଆଧାରିତ ବାୟୋମେଟ୍ରିକ୍ (ଫିଙ୍ଗରପ୍ରିଣ୍ଟ) ପ୍ରମାଣୀକରଣ କରନ୍ତୁ। ସ୍କ୍ରିନ୍‌ରେ ପ୍ରଦର୍ଶିତ ଉପଲବ୍ଧ ରାସନ ଓ ପରିମାଣ ଯାଞ୍ଚ କରନ୍ତୁ। ନିଜର ଥଳି କିମ୍ବା ବ୍ୟାଗକୁ 'ଏକ୍ସବସଭ ଙଙ୍କଞ୍ଛକରଞ୍ଚ' ତଳେ ରଖନ୍ତୁ। ସ୍କ୍ରିନ୍‌ରେ ଥିବା 'ଉସକ୍ସକ୍ତରଭସ୍ୱର/ବିତରଣ ଆରମ୍ଭ କରନ୍ତୁ' ବଟନ୍ ଦବାନ୍ତୁ। କିଛି ସେକେଣ୍ଡ ମଧ୍ୟରେ ମେସିନ୍‌ରୁ ଖାଦ୍ୟଶସ୍ୟ ବାହାରିବ ଏବଂ ହିତାଧିକାରୀ ତାହା ସଂଗ୍ରହ କରିପାରିବେ। ଶେଷରେ ନିଜର ରାସନ ଗ୍ରହଣ କରି ସ୍କ୍ରିନ୍‌ରେ ପ୍ରଦର୍ଶିତ ତଥ୍ୟ/କାରବାରକୁ ନିଶ୍ଚିତ କରି ପ୍ରକ୍ରିୟା ସମାପ୍ତ କରିପାରିବେ।

## ନେପାଳ ବନ୍ୟାରେ ମୃତ୍ୟୁ ସଂଖ୍ୟା ୯୦୩କୁ ବୃଦ୍ଧି

ନୂଆଦିଲ୍ଲୀ,୩୧।୮: ଗତ ସପ୍ତାହରେ ନେପାଳରେ ଘଟିଥିବା ଭୟଙ୍କର ବନ୍ୟା ଓ ଭୂ-ସ୍ଖଳନକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା। ଏହି ବନ୍ୟାରେ ଅନେକ ଧନଜୀବନ ନଷ୍ଟ ହୋଇଛି। ଏପରିକି ସୋସିଆଲ ମିଡିଆରେ ବନ୍ୟାର ଅନେକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯାହାକୁ ଦେଖି ଅନେକ ଲୋକ ଭାବବିହ୍ୱଳ ହୋଇଯାଉଥିବାର ଦେଖିବାକୁ ମିଳିଛି। ଏହା ମଧ୍ୟରେ ନେପାଳ ବନ୍ୟାରେ ମୃତ୍ୟୁସଂଖ୍ୟା ୯୦୩କୁ ବୃଦ୍ଧି ପାଇଛି। ଏହା ସହ ୪,୨୦୦ରୁ ଅଧିକ ଲୋକ ନିଖୋଜ ଥିବାର କଥା ସାମ୍ନାକୁ ଆସିଛି। ସେପଟେ ଜଳବିଦ୍ୟୁତ ପ୍ରକଳ୍ପର ଅବରୁଦ୍ଧ ସୁଡଙ୍ଗ ଭିତରେ ଫସି ରହିଥିବା ଆଶଙ୍କା କରାଯାଉଥିବା ଶହ ଶହ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଉଦ୍ଧାରକାରୀ ଦଳଗୁଡିକ ରାତିସାରା କାର୍ଯ୍ୟ ଜାରି ରଖିଥିଲେ।

ଅନ୍ୟପଟେ ନେପାଳ- ତିବ୍ବତ ସୀମା ଅଞ୍ଚଳରେ ଏହି ବିପର୍ଯ୍ୟୟ ଘଟିଥିଲା। ଯାହା ଫଳରେ ବରଫ, ପଥର, କାଦୁଅ ଏବଂ ଭଗ୍ନାବଶେଷର ଏକ ବିଶାଳ ସ୍ରୋତ ନେପାଳର ଉପତ୍ୟକାସ୍ଥିତ ସହର ଓ ଗ୍ରାମଗୁଡିକ ଦେଇ ସୀମା ଅତିକ୍ରମ କରି ଚୀନ ଆଡକୁ ମାଡି ଯାଉଥିଲା। ହିମବାହ ଭୁଶୁଡିବା ଯୋଗୁଁ ହୋଇଥିବା ଏହି ବନ୍ୟା ବ୍ୟାପକ ଧ୍ୱଂସ ଘଟାଇଛି। ଶହ ଶହ ଲୋକଙ୍କ ମୃତ୍ୟୁ ଘଟିଛି। ଏପରିକି ଅନେକ ଲୋକଙ୍କର ହିସାବ ମିଳିନାହିଁ। ବିପର୍ଯ୍ୟୟ ପରେ ନିଖୋଜ ଲୋକଙ୍କୁ ଖୋଜିବା ଏବଂ ରିଲିଫ କାର୍ଯ୍ୟକୁ ଜୋରଦାର କରାଯାଇଥିବାର ସୂଚନା ମିଳିଛି।

## ବିକ୍ରମ ପଣ୍ଡାଙ୍କୁ ହାଇକୋର୍ଟରୁ ମିଳିଲା ସର୍ତ୍ତମୂଳକ ଜାମିନ

କଟକ,୩୧।୮(ନି.ପ୍ର.): ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଗିରଫ ହୋଇଥିବା ପୂର୍ବତନ ବିଜେଡି ବିଧାୟକ ବିକ୍ରମ ପଣ୍ଡାଙ୍କୁ ସୋମବାର ହାଇକୋର୍ଟରୁ ମିଳିଛି ଆଶ୍ୱସ୍ତି। ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜାମିନ ଦେବା ସମୟରେ ନିମ୍ନ ଅଦାଲତ ଆବଶ୍ୟକ ମୁତାବକ ସର୍ତ୍ତ ଧାର୍ଯ୍ୟ କରିବେ ବୋଲି ହାଇକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ୨୦୨୫ର ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଛନ୍ଦି ହୋଇଛନ୍ତି ବିକ୍ରମ ପଣ୍ଡା। ନିମ୍ନ ଅଦାଲତରେ ବିକ୍ରମଙ୍କ ଜାମିନ ନାମଞ୍ଜୁର ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଚାର୍ଜସିଟ ଦାଖଲ ହୋଇସାରିଛି। ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଶେଷ କରି ହାଇକୋର୍ଟ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ, ଯାହାର ଆଜି ପ୍ରକାଶ ପାଇଛି।

### ମେଡ଼ିକାଲରେ ନାବାଳିକା ଅପହରଣ ମାମଲା

# ପେଷାଦାର ଅପରାଧୀ ଗିରଫ

ଛତ୍ରପୁର,୩୧।୮(ନି.ପ୍ର.):: ଛତ୍ରପୁର ସରକାରୀ ଉପଖଣ୍ଡ ଚିକିତ୍ସାଳୟ ପରିସରରୁ ଜଣେ ଦିବ୍ୟାଙ୍ଗ ନାବାଳିକା (୫ବର୍ଷ)କୁ ଅପହରଣ ଘଟଣାରେ ଛତ୍ରପୁର ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରାଜପୁର ଗ୍ରାମର ଧ୍ରୁବ ଗୌଡ଼ ବୋଲି ଜଣାପଡ଼ିଛି। ପୂର୍ବରୁ ୨୦୧୧ ମସିହାର ଏକ ଦୁଷ୍କର୍ମ ମାମଲାରେ ଧ୍ରୁବ ପ୍ରାୟ ୪ ବର୍ଷ ଜେଲ୍‌ରେ ରହିଥିବା ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚ୍ଚୀ ମଲ୍ଲ ସୂଚନା ଦେଇଛନ୍ତି।



ସୂଚନାନୁସାରେ, ଗତକାଲି (ରବିବାର) ନାବାଳିକା ତା'ର ଜେଜେମା'ଙ୍କ ସହ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆସିଥିଲା। ଏହି ସମୟରେ ଅଭିଯୁକ୍ତ ଧ୍ରୁବ ନାବାଳିକାକୁ ବିସ୍କୁଟ ଓ ଫ୍ରୁଟି ଦେଇ ସ୍ନେହ ବାଇବା ସହ ତାକୁ ନେଇ ସେଠାରୁ ଚାଲିଯାଇଥିଲା। କିଛି ସମୟ ପରେ ଜେଜେମା' ନାବାଳିକାକୁ ଖୋଜାଖୋଜି କରିଥିଲେ ମଧ୍ୟ ଠାବ କରିବାରେ ବିଫଳ ହୋଇଥିଲେ।

ଘଟଣା ସମ୍ପର୍କରେ ପୁଲିସ ଖବର ପାଇବା ପରେ ମେଡିକାଲ ପରିସରର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ଏଥିରେ ଜଣେ ବ୍ୟକ୍ତି ନାବାଳିକାକୁ ନେଇ ଯାଉଥିବା ଦୃଶ୍ୟ ପୁଲିସ ହାତରେ ଲାଗିଥିଲା। ନାବାଳିକାକୁ ଶୀଘ୍ର ଉଦ୍ଧାର କରିବା ପାଇଁ ପୁଲିସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇଥିଲା। ଏଥିସହ ନାବାଳିକାର ଫଟୋ ବିଭିନ୍ନ ସ୍ଥାନକୁ ପଠାଯାଇବା ସହ ସୋସିଆଲ ମିଡିଆରେ ପ୍ରଚାର କରାଯାଇଥିଲା।

ମେଡିକାଲଠାରୁ ପ୍ରାୟ ୧୦ କିଲୋମିଟର ଦୂର ଦନେଇ ବ୍ରହ୍ମପୁର ଗ୍ରାମରେ ନାବାଳିକା ଥିବା ସମ୍ପର୍କରେ ଗ୍ରାମବାସୀ ଜାଣିବାକୁ ପାଇଥିଲେ। ସୋସିଆଲ ମିଡିଆରେ ପ୍ରଚାରିତ ନାବାଳିକାର ଫଟୋ ଦେଖି ଗ୍ରାମବାସୀ ଅଭିଯୁକ୍ତକୁ କାବୁ କରିବା ସହ ପୁଲିସକୁ ଖବର ଦେଇଥିଲେ। ଛତ୍ରପୁର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିବା ସହ ଧ୍ରୁବକୁ ଗିରଫ କରିଥିଲା।

ଏନେଇ ଛତ୍ରପୁର ଥାନାରେ ୪୧୨ ନଂ ର ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ପକ୍ଷରୁ ପ୍ରେସ ମିଟ ଯୋଗେ ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିଆନ ସାକ୍ଷାତ

ବିଶକେକ: କିର୍ଗିଜସ୍ତାନର ବିଶକେକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ମଧ୍ୟରେ ସାକ୍ଷାତ ହୋଇଛି। ସାଂଘାଇ ସହଯୋଗ ସଂଗଠନ (ଏସସିଓ)ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଏବଂ ଇରାନୀ ରାଷ୍ଟ୍ରପତିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ଉଭୟ ନେତା ଭାରତ-ଇରାନ ପାରସ୍ପରିକ ସମ୍ପର୍କ, ବାଣିଜ୍ୟ, ଚାବାହାର ବନ୍ଦର ସଂଯୋଗୀକରଣ ଏବଂ ପଶ୍ଚିମ ଏସିଆର ସଦ୍ୟତମ ପରିସ୍ଥିତି ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। ଆମେରିକା ସହିତ ଚାଲିଥିବା ବିବାଦ ମଧ୍ୟରେ,ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବନ୍ଦ ରହିଥିବାବେଳେ ଇରାନୀ ରାଷ୍ଟ୍ରପତିଙ୍କ ସହ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।



# ସୁପ୍ରିମକୋର୍ଟରେ ଇଥାନଲ ମାମଲା ଖାରଜ

ନୂଆଦିଲ୍ଲୀ: ପେଟ୍ରୋଲ ପମ୍ପଗୁଡ଼ିକରେ ବିକ୍ରି ହେଉଥିବା ପେଟ୍ରୋଲରେ କେତେ ପ୍ରତିଶତ ଇଥାନଲ ମିଶାଯାଇଛି ତାହାର ସ୍ପଷ୍ଟ ସୂଚନା ପ୍ରତ୍ୟେକ ନୋଜଲ ଉପରେ ଲେଖିବା ପାଇଁ ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ଏମ୍.ଏମ୍. ସୁନ୍ଦରେଶ ଓ ବିଚାରପତି ପି.ବି. ଭରାଲେଙ୍କ ପୀଠ ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ସିଧାସଳଖ ଶୀର୍ଷ ଅଦାଲତକୁ ନ ଆସି ସମ୍ପୃକ୍ତ ସକ୍ଷମ କର୍ତ୍ତୃପକ୍ଷ କିମ୍ବା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେଇଛନ୍ତି। ଆବେଦନକାରୀ ଆଡଭୋକେଟ୍ ନରେନ୍ଦ୍ର କୁମାର ଗୋସ୍ୱାମୀ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ ଜଣେ ଗ୍ରାହକ ଯେତେବେଳେ ବିସ୍କୁଟ୍ ପ୍ୟାକେଟ୍‌ଟିଏ କିଣନ୍ତି ସେଥିରେ ଥିବା ସାମଗ୍ରୀ ବିଷୟରେ ଜାଣିବାକୁ ପାଆନ୍ତି। ତେଣୁ ପେଟ୍ରୋଲ କିଣିବା ସମୟରେ ମଧ୍ୟ ସେଥିରେ ଇ୨୦ କିମ୍ବା କେତେ ପ୍ରତିଶତ ଇଥାନଲ ମିଶାଯାଇଛି ତାହା ଜାଣିବାର ଅଧିକାର ଗ୍ରାହକଙ୍କ ରହିଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆର୍ଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣି ଏହି ଆବେଦନକୁ ବିରୋଧ କରି ଦର୍ଶାଇଥିଲେ ଯେ ସରକାରଙ୍କ ଇଥାନଲ ମିଶ୍ରଣ ନୀତିକୁ ନେଇ ପୂର୍ବରୁ ଦାୟର ହୋଇଥିବା ଅନେକ ଆବେଦନକୁ କୋର୍ଟ ଆଗରୁ ହିଁ ଖାରଜ କରିସାରିଛନ୍ତି।

ସୂଚନାଯୋଗ୍ୟ ଇ୨୦ ପେଟ୍ରୋଲରେ ୮୦ ପ୍ରତିଶତ ସାଧାରଣ ପେଟ୍ରୋଲ ଓ ୨୦ ପ୍ରତିଶତ ଇଥାନଲ ରହିଛି। ଅଶୋଧିତ ତୈଳ ଆମଦାନି କମାଇବା, ବୈଦେଶିକ ମୁଦ୍ରା ସଞ୍ଚୟ କରିବା ଓ ପ୍ରଦୂଷଣ ହ୍ରାସ କରିବା ଲକ୍ଷ୍ୟରେ ସରକାର ଏହାକୁ ପ୍ରୋତ୍ସାହିତ କରୁଛନ୍ତି। ତେବେ ୨୦୨୩ ପୂର୍ବରୁ ନିର୍ମିତ ପୁରୁଣା ଗାଡ଼ିଗୁଡ଼ିକ ଇ୨୦ ଇନ୍ଧନ ଅନୁକୂଳ ନଥିବାରୁ ଏହା ଗାଡ଼ିର ଇଞ୍ଜିନ୍,




ରବର ଓ ପ୍ଲାଷ୍ଟିକ୍ ଅଂଶକୁ ନଷ୍ଟ କରିବା ସହ ମାଇଲେଜ୍ କମାଉଥିବା ନେଇ ଗାଡ଼ି ଚାଳକ ଓ ଅଟୋ ବିଶେଷଜ୍ଞମାନେ ଚିନ୍ତା ପ୍ରକାଶ କରିଛନ୍ତି। ତେଣୁ ପେଟ୍ରୋଲ୍ ପମ୍ପଗୁଡ଼ିକରେ କେବଳ ଇ୨୦ ନଦେଇ ସାଧାରଣ ପେଟ୍ରୋଲ ଚୟନ ବିକଳ୍ପ ଦେବାକୁ ଦାବି ହେଉଛି।

### ଡାହୁକ



ଜନତାଙ୍କ ସ୍ୱାର୍ଥ ମକଡି ମାଳି
ସରକ ଗିଳାଏ ଯେମିତି ଗିଳି
କରୁଛନ୍ତି ଦେଶ ଖୋଳ
ଦଣ୍ଡା ଦେଇ ଅଣ୍ଡା କରିବାକୁ ହେଲେ
ପଡିଁଏ ମିସିକି ଲଡ଼

-ବିଧୁ

# ପଞ୍ଚାୟତ ଓ ପୌର ନିର୍ବାଚନ : ସେପ୍ଟେମ୍ବର ୩ରୁ ଭୁବନେଶ୍ୱରରେ ପାଇଲଟ୍ ସର୍ଭେ

ଭୁବନେଶ୍ୱର: ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ ଓ ନିର୍ଭୁଲ ଏବଂ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟର ତାଲିକାରେ ଥିବା ତ୍ରୁଟିଗୁଡିକୁ ଦୂର କରିବା ଲକ୍ଷ୍ୟରେ ରାଜ୍ୟରେ ଏକ ବିଶେଷ ପାଇଲଟ୍ ସର୍ଭେ ଅଭିଯାନ ଭୁବନେଶ୍ୱର ମହାନଗର ନିଗମରେ (ବିଏମସି) ଆରମ୍ଭ ହେବାକୁ ଯାଉଛି।

ଆସନ୍ତା ସେପ୍ଟେମ୍ବର ୩ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବିଏମସି ଅଧୀନରେ ଥିବା ୩ଟି ବିଧାନସଭା କ୍ଷେତ୍ରରେ ଭୁବନେଶ୍ୱର-ଉତ୍ତର ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୧୦, ଭୁବନେଶ୍ୱର ମଧ୍ୟ ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୩୫ ଏବଂ ଭୁବନେଶ୍ୱର -ଏକାମ୍ର ବିଧାନସଭା କ୍ଷେତ୍ରର ୱାର୍ଡ ନଂ ୫୨ରେ ଘରକୁ ଘର ସର୍ଭେ କାର୍ଯ୍ୟ ହାତକୁ ନିଆଯାଇଛି। ତେବେ ଆସନ୍ତା ଅକ୍ଟୋବର ୨୬ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଘରକୁ ଘର ସର୍ଭେ କରାଯାଇ ପଞ୍ଚାୟତ ଓ ପୌରାଞ୍ଚଳର ନିର୍ବାଚନ କ୍ଷେତ୍ର ଗୁଡିକର ଭୋଟର ତାଲିକାକୁ ନିର୍ଭୁଲ ଓ ବ୍ୟବସ୍ଥିତ କରାଯିବ। ବର୍ତ୍ତମାନ ଗୋଟିଏ ପରିବାରର ସଦସ୍ୟମାନେ ଭିନ୍ନ ଭିନ୍ନ ବୁଥରେ ସାମିଲ ଅଛନ୍ତି। ଅସ୍ପଷ୍ଟ ଘର ନମ୍ବର ଭଳି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ କରିବା ଏହି ସର୍ଭେର ମୁଖ୍ୟ




ଉଦ୍ଦେଶ୍ୟ। ସହରାଞ୍ଚଳରେ ଥିବା ଅଧିକାଂଶ ବିଧାନସଭା ବୁଥଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ନାହିଁ ଓ ଗୋଟିଏ ବୁଥରେ ୧୦ରୁ ୧୨ଟି ଅଲଗା ଅଲଗା ଅଞ୍ଚଳର ଭୋଟର ସାମିଲ ହୋଇ ରହୁଛନ୍ତି। ଏପରିକି ଗୋଟିଏ ୱାର୍ଡର ଭୋଟର ଅନ୍ୟ ଏକ ୱାର୍ଡରେ ଭୋଟ ଦେବାକୁ ପଡୁଛି, ଯାହାଫଳରେ ଅନେକ ଭୋଟର ମତଦାନ କେନ୍ଦ୍ରକୁ ଯିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ସର୍ଭେ ମାଧ୍ୟମରେ ଗୋଟିଏ ପରିବାରର ସମସ୍ତ ସଦସ୍ୟ ଗୋଟିଏ ମତଦାନ କେନ୍ଦ୍ରରେ ଭୋଟଦାନ କରିପାରିବେ। ତାହା ସହିତ ଗୋଟିଏ ପରିବାର ମତଦାତାମାନଙ୍କ ନାମ ବିଭିନ୍ନ ୱାର୍ଡର ଭୋଟର ତାଲିକାରେ ରହିଥିଲେ, ଏହି ସର୍ଭେ ପରେ ସେମାନେ ଗୋଟିଏ ୱାର୍ଡରେ ରହିପାରିବେ, ଯାହା ଫଳରେ ମତଦାତାଙ୍କ ମତଦାନ ସହଜରେ ହୋଇପାରିବ। ସହରାଞ୍ଚଳରେ ଭୋଟଦାନ ହାର କମିବାର ଏହା ଏକ ପ୍ରମୁଖ କାରଣ ହୋଇଥିବାରୁ ଏହି ନୂତନ ବ୍ୟବସ୍ଥା ଜରିଆରେ ଏହାକୁ ସୁଧାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ସର୍ଭେ କାର୍ଯ୍ୟରେ ନିୟୋଜିତ ବୁଥ୍ ସ୍ତରୀୟ ଅଧିକାରୀ(ବିଏଲଓ) ଏବଂ ଅନ୍ୟ କର୍ମଚାରୀମାନଙ୍କୁ ନେଇ ହୋଇଥିବା ଟିମ୍ କୁ ସଠିକ୍ ତଥ୍ୟ ପ୍ରଦାନ କରି ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟ ପକ୍ଷରୁ ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି। ଏହି ଅଭିଯାନ ଦ୍ୱାରା ରାଜ୍ୟରେ ଏକ ସ୍ୱଚ୍ଛ, ନିର୍ଭୁଲ ତଥା ବ୍ୟ ବ୍ୟବସ୍ଥିତ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ବୋଲି ରାଜ୍ୟ ନିର୍ବାଚନ କମିସନର ମଧୁସୂଦନ ପାଢୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟ ନିର୍ବାଚନ କମିଶନର ଚଳିତମାସ ୧୭ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ଜାରି କରି ପଂଚାୟତ ନିର୍ବାଚନ ପାଇଁ ବାଲାଟ୍ ପେପର ରଙ୍ଗ ଚୂଡ଼ାନ୍ତ କରିଥିଲେ। ୱାର୍ଡମେମ୍ବର ପ୍ରାର୍ଥୀଙ୍କ ପାଇଁ ଗୋଲାପୀ ରଙ୍ଗର ବାଲଟ୍ ପେପର ବ୍ୟବହାର କରାଯିବ। ସେହିପରି ସରପଂଚ ପଦବୀ ପାଇଁ ନୀଳ ରଙ୍ଗ, ପଂଚାୟତ ସମିତି ସଭ୍ୟଙ୍କ ପାଇଁ ହଳଦିଆ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ପାଇଁ ଧଳା ରଙ୍ଗର ବାଲାଟ ପେପର ନିର୍ଦ୍ଧାରଣ କରାଯାଇଛି।



# କବିସୂର୍ଯ୍ୟନଗର ପୌରପାଳିକାରେ ପାଳିତ ହେଲା ସ୍ୱାୟତ୍ତ ଶାସନ ଦିବସ

କବିସୂର୍ଯ୍ୟନଗର,୩୧।୮ :(ମନ୍ଥନ) ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ପୌରପାଳିକା ପରିସରରେ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି ।ଅତିଥି ମାନେ କବିସୂର୍ଯ୍ୟ ବଳଦେବ ରଥ, ଓ ମହାପୁରୁଷଙ୍କୁ ମାଲ୍ୟାର୍ପଣ କରିବା ପରେ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆସିକା ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ ।ଉପସ୍ଥାପକ ବଳରାମ ପଲେଇଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବ ପ୍ରାରମ୍ଭରେ ପୂର୍ବତନ ଅଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ ସ୍ୱାଗତ ଭାଷଣ ଦେବା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ମୁନ୍ସିପାଲଟି ପ୍ରଗତି ପାଇଁ ଲୋକଙ୍କ ସହଯୋଗ କାମନା କରି ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କ ରେ ସୂଚନା



ଦେଇଥିଲେ ।ସେହିପରି ଭାରପ୍ରାପ୍ତ ଅଧକ୍ଷ ବିକ୍ରାନ୍ତ କୁମାର ସାହୁ କବିସୂର୍ଯ୍ୟନଗରକୁ ସୁନ୍ଦର ଭାବେ ଗଢିବା ପାଇଁ ସହର ବାସି ସହଯୋଗ କରିବାକୁ ନିବେଦନ କରିଥିବା ଜଣାଯାଇଛି । ବିଧାୟକ ଶ୍ରୀ ନାୟକ ତାଙ୍କ ମନ୍ତବ୍ୟରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ କରିଥିବା ସୂଚନା ଦେବା ପରେ ଭବ୍ୟ ବିକାଶମୁଖି କାର୍ଯ୍ୟ ଗୁଡିକ ସମ୍ପର୍କରେ ମତ ରଖିଥିଲେ । ଶେଷରେ ମୁଖ୍ୟ ଅତିଥି ଆସିକା ସାଂସଦ ମହୋଦୟା କବିସୂର୍ଯ୍ୟନଗରର ବିକାଶ ପାଇଁ ଦଳ ମତ ନିର୍ବିଶେଷରେ ସମସ୍ତେ ଏକ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ । ଉତ୍ସବରେ ପୌର କର୍ମଚାରୀ, ସାମ୍ବାଦିକ ଓ କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ସହ ବିଭିନ୍ନ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପୌରପାଳିକାର ଅଧିକାରୀ, କର୍ମଚାରୀ, ପୌର ପ୍ରତିନିଧି ଓ ବହୁ ସ୍ଥାନୀୟ ଲୋକ,ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# କୋଶଳା ମା ରାମଚଣ୍ଡୀ ଯାତ୍ରା ଅନୁଷ୍ଠିତ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁ ଓ ଯାତ୍ରୀଙ୍କ ସମାଗମ

ଛେଣ୍ଡିପଦା,୩୧।୮ :(ମନ୍ଥନ) ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ କୋଶଳା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ରାମଚଣ୍ଡୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ତଥା ବାର୍ଷିକ ଭାଦ୍ରବ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଯାତ୍ରା ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ପବିତ୍ର ଭାଦ୍ରବ ମାସ କୃଷ୍ଣ ପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଯାଇଛି । ତେବେ ପାରମ୍ପରିକ ରୀତିନୀତି ଅନୁଯାୟୀ ଯାତ୍ରା ପୂର୍ବ ଦିନ ମା ଙ୍କ ଶକ୍ତି ପୀଠ ଠାରେ ଏକବାର ପୂଜା ଆୟୋଜନ କରାଯାଇଥିଲା । ପୂଜା ଦିନ ପ୍ରତ୍ୟୁଷରୁ ମା ଙ୍କ ମଙ୍ଗଳ ଆଳତି ସାଙ୍ଗକୁ ପୀଠ ପୂଜକ ଦେହୁରୀ ପୀଠ ପୂଜା ଓ ବାଳଧୂପ କରିଥିଲେ । ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଭକ୍ତ ମାନେ ମା ଙ୍କ ଦର୍ଶନ କରିଥିଲେ ।ଭକ୍ତ ଓ ଶ୍ରଦ୍ଧାଳୁମାନେ ଯଥାବିଧି ପୂଜାର୍ଚ୍ଚନା କରିଥିଲେ । ତାପରେ ଢୋଲ, ନିଶାଣ, ଛତି ତରାସ ସହ ବିରାଟ ଥାଟରେ ଦେହୁରୀ ପୂଜା ଭୋଗ ଓ ନିମନ୍ତ୍ରଣ କରିବାକୁ ଦିଆଣୀ ଘରକୁ ଯାଇଥିଲେ । ରାଜକୀୟ ପରିପାଟୀରେ ସଜ୍ଜିତ ହୋଇ ପୀଠକୁ ଦିଆଣୀକୁ ଅଣାଯାଇଥିଲା । ଅପରାହ୍ନରେ ଛାଟଖୁମ୍ବ ଓ ଖୁମ୍ବେଶ୍ୱରୀଙ୍କ ପୂଜା ପରେ



ଦିଆଣୀ କୁ ଫୁଲ ଚନ୍ଦନ ଦେଇ ପୂଜା କରାଯାଇଥିଲା । ଏହାକୁ ଜନ୍ତାଳ ପୂଜା ବୋଲି କୁହାଯାଏ । ଜନ୍ତାଳ ପୂଜା ପରେ ଦିଆଣୀ ଦେହରେ ଠାକୁରାଣୀ ଆବିର୍ଭାବ ହୋଇଥିଲେ ।ଏହାପରେ ସେ ଗାଡିଆ ମଧରେ ପାଣି କାଦୁଅରେ ଅଧିଆ ପଡିଥିବା ମାନସିକ ଧାରୀ ଭକ୍ତ ଓ ଶତାଧିକ ମହିଳା ଶ୍ରଦ୍ଧାଳୁଙ୍କୁ ଉଠାଇ ଆଶୀର୍ବାଦ କରି ଭୋଗ ପ୍ରାସାଦ ଦେଇ ବର ପ୍ରଦାନ କରିଥିଲେ । ସବୁ ବର୍ଷ ଭଳି ଏଥର ମଧ ବହୁ ନିଃସନ୍ତାନ ମହିଳା ଓ ମାନସିକ ଧାରୀ ମାନସିକ ପୂରଣ ଉଦ୍ଦେଶ୍ୟ ନେଇ ମା ଙ୍କ ପୀଠ ଛାଟଖୁମ୍ବ ଠାରେ ଗାଡିଆ ମଧରେ ପ୍ରତ୍ୟୁଷ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅଧିଆ ପଡିଥିଲେ । ଏହି ଦୃଶ୍ୟ ଦେଖିବା ପାଇଁ ଚାରି ପାଖରେ ଭକ୍ତ ମାନଙ୍କ ଅସମ୍ଭବ ଭାବେ ଭିଡ଼ ଲାଗି ରହିଥିଲା । ଅଷ୍ଟଚଣ୍ଡି ପୀଠ ମଧ୍ୟରୁ ଏହା ଏକ ପ୍ରମୁଖ ଶକ୍ତିପୀଠ । ଉକ୍ତ ଯାତ୍ରା ଭାଦ୍ରବ ମାସ ବର୍ଷା ଋତୁରେ ପଡୁଥିବାରୁ ଏବଂ କାଦୁଅ ତଥା ପଙ୍କିଳ ମଧରେ ମାନସିକ ପୂରଣ ନେଇ ଅଧିଆ ପଡୁଥିବାରୁ ଏହାକୁ କାଦୁଅ ଯାତ୍ରା ବୋଲି ମଧ୍ୟ କୁହାଯାଇଥାଏ । ବିଶେଷ କରି ମା ଙ୍କ ମହିମା ପ୍ରତ୍ୟକ୍ଷ ବୋଲି ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ଅଖଣ୍ଡ ବିଶ୍ୱାସ ରହିଛି । ତାଙ୍କୁ ପୂଜାର୍ଚ୍ଚନା ଓ ଦର୍ଶନ କଲେ ମନ ସ୍କାମନା ପୂରଣ ହୁଏ ବୋଲି ପ୍ରସିଦ୍ଧି ଲାଭ କରିଛି ଏହି ରାମଚଣ୍ଡି ପୀଠ । ମା ଙ୍କ ଚଳନ୍ତି ପ୍ରତିମା ଆଲମକୁ ଏକ ବିରାଟ ପଟୁଆରରେ ଘଣ୍ଟ ଘଣ୍ଟା ଢୋଲ ମହୁରୀ ଏବଂ ନାମ ସଂକୀର୍ତ୍ତନ ମାଧ୍ୟମରେ ଗ୍ରାମ ପରିକ୍ରମା କରିବା ସହ ମନ୍ଦିର ପର୍ଯ୍ୟନ୍ତ ଅଣାଯାଇଥିଲା । ମଧ୍ୟାହ୍ନ ସମୟରେ ମନ୍ଦିର ପୂଜକ ଓ ସେବାୟତ ମାନେ ଯଥାବିଧି ଜନ୍ତାଳ ପୂଜା କରିଥିଲେ । ମନ୍ଦିର ପରିସରରେ ଥିବା ଏକ ଗାଡିଆ ମଧରେ ଥିବା ଡମ୍ବରୁ ଆକୃତି ମା ଶକ୍ତି ଙ୍କ ଚାରି ପାଖରେ ବହୁ ସଂଖ୍ୟକ ମାନସିକ ଧାରୀ ଅଧିଆ ପଡିଥିଲେ । ବିଶେଷ କରି ମହିଳା ଶ୍ରଦ୍ଧାଳୁ ମା ଙ୍କ ପୀଠ ଠାରେ ବିଭିନ୍ନ ପ୍ରକାର ମାନସିକ ପୂରଣ ନେଇ ଉପାସନା ପୂର୍ବକ ଅତ୍ୟନ୍ତ ନିଷ୍ଠାର ସହ ଅଧିଆ ପଡିଥିଲେ । ସନ୍ଧ୍ୟାବେଳେ ପୂଜାନୀତି ସମ୍ପନ୍ନ ହେବା ପରେ ଅଧିଆ ପଡିଥିବା ମାନସିକ ଧାରୀ ମାନଙ୍କୁ ପୂଜକ ଏବଂ ଦିଆଣି ପୂଜା ଭୋଗ ପ୍ରଦାନ ପୂର୍ବକ ଶୁଭ ଆଶୀର୍ବାଦ କରି ବରଦାନ ଦେଇଥିଲେ ।

# ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୁରସ୍କାର ବିତରଣ ସମାରୋହ

ବ୍ରହ୍ମପୁର,୩୧।୮ :(ମନ୍ଥନ)ସ୍ଥାନୀୟ ମହାନଗର ନିଗମର ନୂତନ ସଭା କକ୍ଷ ଠାରେ ନିଖିଳ ଭାରତ ସାୟତ୍ତ ଶାସନ ଦିବସ ଉପଲକ୍ଷେ ପୂର୍ବ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କ ନିମନ୍ତେ ରବିବାର ସନ୍ଧ୍ୟାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ମହାନଗର ନିଗମ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ, ମାନ୍ୟବର ସାଂସଦ, ବ୍ରହ୍ମପୁର ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଉପଦେଶ ମାନ ପ୍ରଦାନ କରିଥିଲେ । ଏହି ଅବସରରେ ମାନ୍ୟବର ସାଂସଦ, ମେୟର ଏବଂ କର୍ପୋରେଟର ବୃନ୍ଦଙ୍କ ଦ୍ୱାରା ସମସ୍ତ କୃତି ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ଓ



ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ମାନନୀୟ ମେୟର ଶ୍ରୀମତୀ ଦଳାଇ ସାଂସଦଙ୍କୁ ସାଧୁବାଦ ଜଣାଇ ଥିବା ବେଳେ, ମାନ୍ୟବର ସାଂସଦ ନିଜ ବକ୍ତବ୍ୟରେ ପିଲା ମାନଙ୍କୁ ଉପଦେଶ ଦେବା ସହିତ ନେତା ଓ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ଆମ ମାନଙ୍କ ଆଚାର, ବ୍ୟବହାର ଓ ବିକାଶର କାର୍ଯ୍ୟ ଶୈଳୀ ପିଲାଙ୍କୁ ଆକର୍ଷିତ କରିବା ଆବଶ୍ୟକ, ଆମେ କେଉଁଭଳି କାର୍ଯ୍ୟ କରିବା ତାହା ସମାଜ ପ୍ରତି କିଭଳି ପ୍ରଭାବିତ କରିବ ତାହାରି ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି ସାଂସଦ ଡ଼ା ପ୍ରଦୀପ ପାଣିଗ୍ରାହୀ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମଞ୍ଚରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, କଲ୍ୟାଣୀ ସଂଘମିତ୍ରା ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଚୋରା ମଦ ବିକ୍ରିକୁ ଜୋରଦାର୍ ବିରୋଧ

ଗୋପ, ୩୧।୮ :(ମନ୍ଥନ)ରାମଚଣ୍ଡୀ ଥାନା ଅଧୀନ ବାଲି କପିଳେଶ୍ୱର ମନ୍ଦିର ଛକ ନିକଟରୁ ୨ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ ୬ ଗ୍ରାମବାସୀ ଏକାଠି ହେଲେ ମଦ ବ୍ୟବସାୟୀଙ୍କ ଘର ସମ୍ମୁଖରେ ପହଞ୍ଚି ଚେତାବନୀ ଦେଲେ ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳବାସୀ ତାତିଛନ୍ତି । ଆଜି ବିଷ୍ଣୁଚରଣ ବେହେରାଙ୍କ ନେତୃତ୍ୱରେ ବାଙ୍ଗର, ଟିକିନା, ଖାଲକଟାପାଟଣା, କାଂହଁପୁର,ସୁତନ, ତରକୋର ଗ୍ରାମବାସୀଙ୍କ ସମେତ ବାଲି କପିଳେଶ୍ୱର ମନ୍ଦିର ସମ୍ମୁଖରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ ଶିକ୍ଷୟିତ୍ରୀ ଓ ବାଲି କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ପାଖାପାଖି ୨୦୦ ଜଣ ଏକାଠି ହୋଇଥିଲେ । ଗିରଫ ହୋଇଥିବା ୩ ମଦ ବେପାରୀଙ୍କ ଘର ସମ୍ମୁଖରେ ପହଞ୍ଚି ଥିଲେ । ଅଞ୍ଚଳରେ ତୁରନ୍ତ ମଦ କାରବାର ବନ୍ଦ କରିବାକୁ ଗ୍ରାମବାସି ମାନେ ଚେତାବନୀ ଦେଇଛନ୍ତି । ଗ୍ରାମବାସୀଙ୍କ କହିବା କଥା,ଏହି ଅଞ୍ଚଳରେ ଦୁଇଟି ଶିକ୍ଷାନୁଷ୍ଠାନ ରହିଛି । କୁନି କୁନି ପିଲାମାନେ ସେଠାରେ ପଢୁଛନ୍ତି । ନିକଟରେ ମଦ କାରବାର ଦ୍ୱାରା ସେମାନଙ୍କ ଉପରେ କୁପ୍ରଭାବ ପଡ଼ିବ । ନିଶାଡ଼ି ମାନେ ଆଖ ପାଖରେ ଉତ୍ପାତ କରିବେ । ତେଣୁ ତୁରନ୍ତ ଏହାକୁ ବନ୍ଦ କରାଯାଉ । ନଚେତ୍ ଆଗାମୀ ଦିନରେ ଗ୍ରାମବାସୀ ଦୃଢ଼ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି ।

# କ୍ରୀଡା ଦିବସ ଅବସରରେ ସାଇକେଲ ରାଲି

ନବରଙ୍ଗପୁର,୩୧।୮ :(ମନ୍ଥନ) ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତ୍ରିଦିବସୀୟ କ୍ରୀଡା ଦିବସ ଉତ୍ସବ ର ଶେଷ ଦିବସରେ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ବିଭିନ୍ନ କ୍ରୀଡା ଅନୁଷ୍ଠାନ ଏବଂ ଯୁବକ ସଙ୍ଘ କୁ ନେଇ ଏକ ସାଇକେଲ ରାଲିର ଆୟୋଜନ କରାଯାଇଥିଲା । ଉକ୍ତ ରାଲିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ପତାକା ଦେଖାଇ ଆନୁଷ୍ଠାନିକ ଭାବରେ ରାଲିର ଶୁଭାରମ୍ଭ କରିଥିଲେ । ଏହି ରାଲିରେ ବିଶିଷ୍ଟ ଅତିଥି ଭାବରେ ଭାରପ୍ରାପ୍ତ କ୍ରୀଡା ଅଧିକାରୀ ଶଭାନ ଶ୍ରୀତମ ପଣ୍ଡା ଯୋଗ ଦେଇଥିଲେ । ଉକ୍ତ ସାଇକେଲ ରାଲି ସ୍ଥାନୀୟ ସଦାଶିବ ପାର୍କ ଠାରୁ ଆରମ୍ଭ ହୋଇ ରାଜା ଚୈତନ୍ୟ ଦେବ ନୋଡାଲ ବିଦ୍ୟାଳୟର ପଡିଆରେ ଶେଷ ହୋଇଥିଲା । ଏହି ଅବସରରେ ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଭାରପ୍ରାପ୍ତ କ୍ରୀଡା ଅଧିକାରୀ ଶଭାନ ଶ୍ରୀତମ ପଣ୍ଡାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଦୀପ ପ୍ରଜ୍ୱଳନ ପୂର୍ବକ ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ



କରିଥିଲେ ଏବଂ ସେଠାରେ ଉପସ୍ଥିତ ଛାତ୍ର ଛାତ୍ରୀ , ବିଭିନ୍ନ କ୍ଲବରୁ ଆସିଥିବା ଯୁବ ଖେଳାଳି ମାନଙ୍କୁ ଧ୍ୟାନଚାନ୍ଦଙ୍କ ସମ୍ପର୍କରେ କହିଥିଲେ । ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଛାତ୍ର ଛାତ୍ରୀଙ୍କ ଉଭୟ ଶାରୀରିକ ଓ ମାନସିକ କସରତ ଜରୁରୀ ବୋଲି ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବରେ ଯୁବ ଭାରତ ର ଜିଲ୍ଲା ସଂଯୋଜକ ବିନୋଦ କୁମାର ପଣ୍ଡା ଯୋଗ ଦେଇ ଧ୍ୟାନଚାନ୍ଦଙ୍କ ସ୍ମୃତି ଚାରଣ କରିଥିଲେ । ଶେଷରେ ସମସ୍ତ ଛାତ୍ର ଛାତ୍ରୀଙ୍କ ସମେତ ଉପସ୍ଥିତ ଅତିଥି ମାନେ ନିଶା ମୁକ୍ତ ଭାରତ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଶାରୀରିକ ଶିକ୍ଷକ ସଂଘର ଅଜିତ ପାରିଜା , ପୁରବୀ ପରିଡା , ବି .ରୋଜା , ମୁନା ସମରଥ , ପ୍ରଣବ ବିଶ୍ୱାଳ , ମନୋଜ ମଲିକ ଏବଂ ସତ୍ୟଜିତ ସେଠୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବରିଷ୍ଠ କ୍ରିଡା ଶିକ୍ଷକ ବିଭାସିସ ଦେ ମଞ୍ଚ ପରିଚାଳନା କରିଥିଲେ । ସେହିପରି ଜିଲ୍ଲାପାଳ କାର୍ଯ୍ୟାଳୟ ର ନିରଞ୍ଜନ ନାୟକ , ଯୁବ ବାଣୀ ପ୍ରିୟା, ରତ୍ନାକର ବିଷୋୟୀ , ହିମାଂଶୁ ପଟନାୟକ ଏବଂ ତ୍ରିନାଥ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଜାତୀୟ କ୍ରୀଡ଼ା ଦିବସ ପାଳିତ

ଜଗତସିଂହପୁର,୩୧।୮ :(ମନ୍ଥନ)ଆଜି ପୂର୍ବାହ୍ନ ରେ ନବ କୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ରେ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟ ଅତିଥି, ଜିଲ୍ଲା କ୍ରୀଡା ସଂପାଦକ ଦୋଳଗୋବିନ୍ଦ ଦାସ ଓ ଜିଲ୍ଲା କ୍ରୀଡା ଅଧିକାରୀ ଯୋଗ ଦେଇଥିଲେ । କୋଚ ଗୋବିନ୍ଦ ଚନ୍ଦ୍ର ସାହୁ ,ଶାରୀରିକ ଶିକ୍ଷକ/ ଶିକ୍ଷୟତ୍ରୀ,କ୍ରୀଡ଼ାବିତ ,ସ୍ଥାନୀୟ ଜନସାଧାରଣ ମଧ୍ୟ ଉପସ୍ଥିତ ରହି ହକିର ମହାନାୟକଙ୍କୁ ସମ୍ମାନ ଜଣାଇଥିଲେ । ଏହି ଅବସରରେ ଏକ ଭଲିବଲ୍ ମ୍ୟାଚ୍ ଆୟୋଜିତ ହୋଇଯାଇଛି । ତାଙ୍କର ଜନ୍ମଦିନ ଅଗଷ୍ଟ ୨୯କୁ ଜାତୀୟ ଦିବସଭାବେ ପାଳନ ଅବସରେ କ୍ରୀଡ଼ାବିତମାନଙ୍କ ମଧ୍ୟରେ '୨୯ ଚ୍ୟାଲେଞ୍ଜ' ମିନି ଗେମ୍(ଖେଳ)କରାଯାଇ ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବିଦ୍ୟାଳୟ ମାନଙ୍କରେ ଜାତୀୟ କ୍ରୀଡ଼ା ଦିବସ ପାଳନ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଛି । ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟନି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ୧୩୭ ତମ ମନ କୀ ବାତ ଶୁଣିଲେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି

ଅନୁଗୋଳ, ୩୧।୮ :(ମନ୍ଥନ) ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ ମନ କୀ ବାତ ପ୍ରତି ମାସର ଶେଷ ରବିବାର ଦିନ ୧୧ ଟାରୁ ୧୧.୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ପ୍ରଧାନମନ୍ତ୍ରୀ ତାଙ୍କ ନିଜ ମନର କଥା କୁ ପ୍ରକାଶ କରିଥାନ୍ତି । ଦିନକୁ ଦିନ ଉକ୍ତ କାର୍ଯ୍ୟକ୍ରମ ସର୍ବବ୍ୟାପୀ ହେବାରେ ଲାଗିଛି । ଅନୁଗୋଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଭିନ୍ନ ଗ୍ରାମରେ ମନକୀ ବାତ କାର୍ଯ୍ୟକ୍ରମ ଉତ୍ସାହ ର ସହ କାର୍ଯ୍ୟକର୍ତ୍ତା ତଥା ସାଧାରଣ ଲୋକ ଉପସ୍ଥିତ ରହି ଶୁଣିଛନ୍ତି । ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆଜି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୭ ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି ଂ ଆଜି ମନକୀ ବାତ ରେ ନିଶାମୁକ୍ତ ଭାରତ



ଗଠନ ପାଇଁ ପ୍ରଧାନମନ୍ତ୍ରୀ ଙ୍କ ଆହ୍ୱାନ ସଶକ୍ତ ଭାରତ ସମୃଦ୍ଧ ଭାରତ ଗଠନ ରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ୨୦୪୭ ବିକଶିତ ଭାରତର ଲକ୍ଷ ପୂରଣ ହୋଇପାରିବ ବୋଲି ସାଂସଦ ଶ୍ରୀ ପାଣି ଉପସ୍ଥିତ କାର୍ଯ୍ୟକର୍ତା ଙ୍କୁ ପ୍ରକାଶ କରିଥିଲେ । ନିଶା ମୁକ୍ତ ଭାରତ ଗଠନ ପାଇଁ ଆମେ ସଂକଳ୍ପ ନେବା ପାଇଁ ସାଂସଦ ପରାମର୍ଶ ଦେଇଥିଲେ ଂଆଜିର ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ଜିଲ୍ଲା ସାଧାରଣ ସଂପାଦକ ସୁଦିପ୍ ଗଡ଼ନାୟକ, ଜିଲ୍ଲା ସାଧାରଣ ସଂପାଦିକା ବସନ୍ତ ମଞ୍ଜରୀ ପ୍ରଧାନ, ଜିଲ୍ଲା ଉପ ସଭାନେତ୍ରୀ ନମିତା ଦଳବେହେରା, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରତିମା ମିଶ୍ର, ଜିଲ୍ଲା କୋଷାଧକ୍ଷ ବିଶ୍ୱଜିତ୍ ମିଶ୍ର , ସୁଷମା ବେହେରା, ସୁଜାତା ଦାସ, ରୋଜାଲିନ ଦାସ, ତିଳୋତ୍ତମା ସାମନ୍ତ, ସ୍ମିତା ପଟ୍ଟନାୟକ ଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ଜାତୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ସହ କୃତି ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଅନୁଗୋଳ,୩୧।୮ :(ମନ୍ଥନ)ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଜାତୀୟ କ୍ରୀଡ଼ା ଦିବସ ସମାରୋହର ଦ୍ୱିତୀୟ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ହକିର ମହାନ୍ ତାରକା ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଗକୁ ଅଗ୍ରସର ହୋଇ ଜିଲ୍ଲା ତଥା ଦେଶରେ ନାମ କରିବାକୁ ସେ କ୍ରୀଡାବିତ୍ ମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୁବ ଅଧିକାରୀ ପୂଜା ଯାଦବ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌର ଗୋବିନ୍ଦ ସାମନ୍ତ, ବରିଷ୍ଠ ସଦସ୍ୟ ଶ୍ରୀ ରମେଶ ଚନ୍ଦ୍ର ସାହୁ, ଶ୍ରୀ ରୁଚିର କୁମାର ଦାସ, ଜିଲ୍ଲା କ୍ରିକେଟ ସଂଘ ସେକ୍ରେଟାରୀ ଶ୍ରୀ ସାଗର ମିଶ୍ର, ଶ୍ରୀ ପ୍ରଦୀପ ଦେବତା ଏବଂ ଜିଲ୍ଲା ଓ୍ୱୁଶୁ ଆସୋସିଏସନ୍ ?ର ସମ୍ପାଦକ ଶ୍ରୀ ସୁଶାନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାର ହକି, ଖୋ-ଖୋ, ବ୍ୟାଡମିଣ୍ଟନ୍ ଓ ଅନ୍ୟାନ୍ୟ କ୍ରୀଡ଼ାର ଖେଳାଳିମାନେ ନିଜ ନିଜ କ୍ରୀଡ଼ା ପ୍ରଦର୍ଶନ କରିଥିଲେ । ଅପରାହ୍ନରେ ହୋଇଥିବା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଭାମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ ।

# ଜଳେଶ୍ୱର ପୌର ପରିଷଦ ନଗରପାଳଙ୍କ ରିପୋର୍ଟ କାର୍ଡକୁ ବିଜେପି ପକ୍ଷରୁ ଖୋଲାଖୋଲି ସମାଲୋଚନା

ଜଳେଶ୍ୱର,୩୧।୮ :(ମନ୍ଥନ) କାଗଜରେ ଉନ୍ନୟନ ନୁହେଁ, ଜଳେଶ୍ୱରବାସୀ ଚାହାଁନ୍ତି ମାଟିରେ ଦୃଶ୍ୟମାନ ବିକା ଜଳେଶ୍ୱର ସହରର ଉନ୍ନୟନ ଦାବିକୁ ନେଇ ସ୍ପଷ୍ଟୀକରଣ ଦିଅନ୍ତୁ ନଗରପାଳିକା । ଜଳେଶ୍ୱର ସହରର ବିକାଶକୁ ନେଇ ନଗରପାଳିକା ପକ୍ଷରୁ ଜାରି ହୋଇଥିବା ପ୍ରେସ ବିଜ୍ଞପ୍ତିରେ ଅନେକ ଉନ୍ନୟନମୂଳକ କାର୍ଯ୍ୟର ଦୀର୍ଘ ତାଲିକା ପ୍ରକାଶ କରାଯାଇଛି ।ବିକାଶକୁ ନେଇ ଆମର କୌଣସି ବିରୋଧ ନାହିଁ । ଜଳେଶ୍ୱରର ବିକାଶ ହେଉ—ଏହା ସମସ୍ତଙ୍କ ଆଶା । କିନ୍ତୁ ପ୍ରଶ୍ନ ହେଉଛି—ପ୍ରେସ ବିଜ୍ଞପ୍ତିରେ ଥିବା ପ୍ରତ୍ୟେକ ଦାବିର ବାସ୍ତବ ସ୍ଥିତି କ'ଣ ?ନଗରପାଳିକା ନିମ୍ନଲିଖିତ ତଥ୍ୟ ସାର୍ବଜନୀନ କରନ୍ତୁ ବୋଲି ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ତଥା ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ ଆଜି ସନ୍ଧ୍ୟାରେ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।ସେ ନିମ୍ନ ଲିଖିତ ଦାବୀ ଉପସ୍ଥାପନ କରିଛନ୍ତି।୧. ଘୋଷିତ ପ୍ରତ୍ୟେକ କାର୍ଯ୍ୟର ଟେଣ୍ଡର ମୂଲ୍ୟ, ଟେଣ୍ଡର ତାରିଖ ଓ କାର୍ଯ୍ୟାଦେଶ ।୨. କେତେ ଟଙ୍କା ଅନୁମୋଦନ ହୋଇଛି ଓ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ଟଙ୍କା ଖର୍ଚ୍ଚ ହୋଇଛି—ତାହାର ବିବରଣୀ ।୩. ପ୍ରେସ



ବିଜ୍ଞପ୍ତିରେ ଉଲ୍ଲେଖିତ ରାସ୍ତା, ଡ୍ରେନ୍, ଷ୍ଟ୍ରିଟ୍ ଲାଇଟ୍, ଓପନ୍ ଏୟାର୍ ଜିମ୍, ଜଳାଶୟ ବିକାଶ, କ୍ରିମେଟୋରିୟମ୍ ଓ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରୁ କେତୋଟି ସମ୍ପୂର୍ଣ୍ଣ ହୋଇଛି ଓ କେତୋଟି ଅସମ୍ପୂର୍ଣ୍ଣ ଅଛି । ୪. ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କିଏ କରିଛନ୍ତି ଏବଂ ସମ୍ପୂର୍ଣ୍ଣ ପ୍ରମାଣପତ୍ର ଜାରି ହୋଇଛି କି ନାହିଁ? ୫. ଆଇ ଲଭ୍ ଜଳେଶ୍ୱର, ପ୍ରବେଶ ତୋରଣ,ସ୍ମାର୍ଟ ପାର୍କ ଭଳି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସହିତ ସହରର ମୌଳିକ ସମସ୍ୟା—ରାସ୍ତା, ଡ୍ରେନେଜ୍, ପାନୀୟଜଳ, ପରିମଳ ଓ ଟ୍ରାଫିକ୍—କେତେ ଦୂର ସମାଧାନ ହୋଇଛି ୬. ଜଳ ନିଷ୍କାସନର ସ୍ଥାୟୀ ସମାଧାନ କେବେ ହେବ ?୭. ଆଜି ପର୍ଯ୍ୟନ୍ତ ସ୍ଥାୟୀ ବସ୍ ଷ୍ଟାଣ୍ଡ ନିର୍ମାଣ ହୋଇନାହିଁ କାହିଁକି ?୮. କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ପ୍ରକଳ୍ପକୁ ଅଧକ୍ଷ କରିଛନ୍ତି ବୋଲି କହି କଣ ଆଗାମୀ ନିର୍ବାଚନ ପାରିହେବା ପାଇଁ ଚାହୁଁଛନ୍ତି କି ଅଧକ୍ଷ ମହାଶୟ । ୯.ରିପୋର୍ଟ କାର୍ଡରେ ସ୍ୱଚ୍ଛତା, ପରିମଳ, ଡ୍ରେନେଜ, ପିଇବା ପାଣି ଓ ଜଳ ନିଷ୍କାସନର କଥା କାହିଁକି ଲୁଚାଉଛନ୍ତି ଅଧକ୍ଷବିକାଶର ମାପଦଣ୍ଡ ପ୍ରଚାର ନୁହେଁ, ଜନତାଙ୍କ ସନ୍ତୋଷ ନଗରପାଳିକାର ଦାୟିତ୍ୱ କେବଳ ଉନ୍ନୟନ କାର୍ଯ୍ୟର ତାଲିକା ପ୍ରକାଶ କରିବା ନୁହେଁ; କେତେ ଟଙ୍କାରେ, କେଉଁଠାରେ, କେଉଁ ସଂସ୍ଥା ଦ୍ୱାରା, କେଉଁ ମାନଦଣ୍ଡରେ ଏବଂ କେତେ ସମୟ ମଧ୍ୟରେ କାମ ହେଲା—ତାହାର ସମ୍ପୂର୍ଣ୍ଣ ହିସାବ ଜନସାଧାରଣଙ୍କୁ ଦେବା ।ଆମର ଦାବି—"ପ୍ରେସ ବିଜ୍ଞପ୍ତିରେ ଦାବି ନୁହେଁ, ପ୍ରତ୍ୟେକ ଟଙ୍କାର ହିସାବ ଓ ପ୍ରତ୍ୟେକ କାର୍ଯ୍ୟର ମାଟିସ୍ତରରର ପ୍ରମାଣ ସାମ୍ନାକୁ ଆସୁ ।"ଜଳେଶ୍ୱରବାସୀଙ୍କ ଟଙ୍କାରେ ହେଉଥିବା ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟରେ ସ୍ୱଚ୍ଛତା, ଜବାବଦେହିତା ଓ ଗୁଣବତ୍ତା ନିଶ୍ଚିତ କରିବା ହିଁ ଆମର ଦାବି ।ବିକାଶକୁ ସ୍ୱାଗତ, କିନ୍ତୁ ଅସ୍ପଷ୍ଟତାକୁ ନୁହେଁ ।ପ୍ରଚାର ନୁହେଁ—ପ୍ରମାଣ ସହ ବିକାଶର ହିସାବ ଦିଅନ୍ତୁ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ନଗର ସଭାପତି ଶିବ ନାରାୟଣ ମହାପାତ୍ର ଅଧକ୍ଷତା କରୁଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜମୋହନ ପ୍ରଧାନ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀ,ରାଜେଶ ଖଟୁଆ, ପ୍ରାକ୍ତନ କାଉନସିଲର ବିଶ୍ୱଭୂଷଣ ଦାସ ଓ ନୀଳମାଧବ ଦେ, ଜିଲ୍ଲା ସମ୍ପାଦିକା ଦେବଯାନୀ ଅଣ୍ଡିଆ, ମାଳତୀ ଲତା ଦତ୍ତ, ବରେନ୍ଦ୍ର ନାଥ ପରିଡ଼ା, ତାପସ ପାଣିଗ୍ରାହୀ, ଯୁବ ମୋର୍ଚ୍ଚା ନଗର ସଭାପତି ଅଞ୍ଜନ କୁମାର ଦାସ ସଂଜୀବ ପାତ୍ର, ସପନ ଦେ, ପର୍ଶୁରାମ ପ୍ରଧାନ, ସେଖ ହସିରୁଦ୍ଦିନ ବକ୍ସ, ଗୋପୀନାଥ ଧଳ, ସୁମତିରଣା, ସେକ ନାସିର ବକ୍ସ, ସେଖ ଅବଦୁଲ୍ ହାକିମ ମଞ୍ଜୁଳିକା ଘୋଷ, ସଂଜିତ ରାୟ, ଗଜନଶ୍ୟମ ପାତ୍ର, ଗୌରହରୀ ପରିଡା ଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।ମାତ୍ର ଏହି ବିଷୟରେ ଜଳେଶ୍ୱର ନଗରପାଳଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

# ମାଟିର ବିକାଶ ପାଇଁ ପାର୍ଟି ସହ କୌଣସି ସାଲିସ କରିବି ନାହିଁ - ବ୍ରହ୍ମପୁର ସାଂସଦ

ବ୍ରହ୍ମପୁର,୩୧।୮ :(ମନ୍ଥନ) ମହାନଗର ନିଗମ ସଭା କକ୍ଷରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ଦେଖିବାକୁ ମିଳିଥିଲା ଏକ ପ୍ରକାର ଯୁକ୍ତିତର୍କ ପରିସ୍ଥିତି । ରବିବାର ସନ୍ଧ୍ୟାରେ ନିଗମ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କୃତ ପ୍ରଦାନ କାର୍ଯ୍ୟକ୍ରମ ମେୟର ଶ୍ରୀମତୀ ସଂଘମିତ୍ରା ଦଳାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମାନ୍ୟବର ସାଂସଦ ବ୍ରହ୍ମପୁର ଡ଼ା ପ୍ରଦୀପ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ନିଜ ବକ୍ତବ୍ୟରେ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଉପଦେଶ ପ୍ରଦାନ ବେଳେ ନିଗମର କିଛି କର୍ପୋରେଟର ବକ୍ତବ୍ୟ ପ୍ରଦାନ ସମୟରେ ନିଗମ ସମ୍ପର୍କିତ ସମସ୍ୟା ନେଇ ଅଭିଯୋଗର ପ୍ରଶ୍ନ କରିଥିଲେ । ଯାହାକୁ ମାନ୍ୟବର ସାଂସଦ ତାହାକୁ ଶୁଣିବା ମାତ୍ରେ ବିରକ୍ତି ପ୍ରକାଶ କରିବା ସହ ଏହା ଉଚିତ୍ ସ୍ଥାନ ଏହା ସମୟ ନୁହେଁ ବୋଲି କହିଥିବା ବେଳେ, ଅନ୍ୟ କିଛି କର୍ପୋରେଟର ମଧ୍ୟ ବଜେଟ ଅନୁଦାନ ସମସ୍ୟା ନେଇ ପ୍ରଶ୍ନ କରିଥିଲେ । ଉକ୍ତ ସଭା ଏକ ଯୁକ୍ତିତର୍କର ମାହୋଲରେ ପରିଣତ ହୋଇଥିଲା, ଯାହାକୁ ଦୃଷ୍ଟିରେ ରଖି ମାନନୀୟ ମେୟର ଶ୍ରୀମତୀ ଦଳାଇ ଉକ୍ତ କର୍ପୋରେଟର ମାନଙ୍କୁ ବୁଝାସୁଝା କରି ଏହି ସମୟ ଅନୁଚିତ୍ ବୋଲି ଉପଦେଶ ଦେବା ସହ ମାନ୍ୟବର ସାଂସଦଙ୍କୁ ସସମ୍ମାନର ସହ କ୍ଷମା ପ୍ରାର୍ଥନା କରିଥିଲେ । ପରେ ମାନ୍ୟବର ସାଂସଦ ନିଜ ପ୍ରତିକ୍ରିୟା



ପ୍ରକାଶ କରିଥିଲେ ଯେ, ଯେଉଁ ଅଭିଯୋଗ କର୍ପୋରେଟର ମାନଙ୍କ ଦ୍ୱାରା ହେଉଛି ତାହାର କୌଣସି ଲିଖିତ ଅଭିଯୋଗ ପତ୍ର ମୋତେ ଆସିନାହିଁ, କିମ୍ବା ନିଗମ କର୍ତ୍ତୃପକ୍ଷ ମୋ ସହ ଯୋଗାଯୋଗ କରି ନାହାନ୍ତି । ଯଦି କରି ଥାନ୍ତେ ତେବେ ମୁଁ ନିଶ୍ଚୟ ତାହାର ସମାଧାନ କରିବା ପାଇଁ ବାଧ୍ୟ, ଆଜି ବି ପ୍ରତିଶ୍ରୁତି ଦେଉଛି ମୋ ମାଟି ବ୍ରହ୍ମପୁର ତଥା ଗଞ୍ଜାମ ଜିଲ୍ଲାର ବିକାଶ ପାଇଁ କୌଣସି ସାଲିସ କରିବି ନାହିଁ, ପ୍ରଥମେ ମାଟି ଓ ପରେ ପାର୍ଟି ବୋଲି ପ୍ରତିକ୍ରିୟା ରଖିଛନ୍ତି । ସେହିପରି ସାଂସଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ୧୫୯ ବର୍ଷର ଏହି ମହାନଗର ନିଗମର ମେୟର ଶ୍ରୀମତୀ ସଂଘମିତ୍ରା ଦଳାଇଙ୍କ ସହଯୋଗରେ ସହରର ବିକାଶଧାରାକୁ ଆଗେଇ ନେବା ପାଇଁ ପ୍ରଚେଷ୍ଟା ଜାରି ରହିଛି, ସେଥି ମଧ୍ୟରୁ ଆସନ୍ତା ବର୍ଷ ମହାନଗର ଅନ୍ତର୍ଗତ ଫାଷ୍ଟ ଗେଟ୍ ଠାରୁ ନୀଳାଦ୍ରି ବିହାର ପର୍ଯ୍ୟନ୍ତ ଏହା ଫ୍ଲାଏ ଓଭାର ନିର୍ମାଣ ହେବା ସହ ଖଲ୍ଲିକୋଟ କଲେଜରେ ଠାରୁ ବିଜିପୁର ଅଞ୍ଚଳ ପର୍ଯ୍ୟନ୍ତ ଏକ ଫ୍ଲାଏ ଓଭାର, ଟାଟା ବେଞ୍ଜ ଛକ ଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ପର୍ଯ୍ୟନ୍ତ ଏକ ଫ୍ଲାଏ ଓଭାର ନିର୍ମାଣ କରାଯାଇ ବ୍ରହ୍ମପୁର ସହରର ରୂପ ରେଖ ବଦଳିବ । ଏହାସହ ରିଙ୍ଗ ରୋଡ଼ ନିର୍ମାଣ ପରେ ବ୍ରହ୍ମପୁର ସହରର ଏକ ଶ୍ରେଷ୍ଠ ସହର ରୂପେ ପରିଗଣିତ ହେବ ବୋଲି କହିଥିଲେ । ଏହାସହ ବିମାନ ବନ୍ଦର କାର୍ଯ୍ୟ ଅତି ଶୀଘ୍ର ତ୍ୱରାନିତ ହେବ, ଏଣୁ ବ୍ରହ୍ମପୁର ତଥା ମୋ ଗଞ୍ଜାମ ମାଟିର ବିକାଶ ଦିଗରେ ମୁଁ କୌଣସି କମ୍ପ୍ରମାଇସ କରିବି ନାହିଁ, ପାର୍ଟିକୁ ସମ୍ମାନ ଦେବୀ, ମାନ୍ୟବର ମୁଖ୍ୟମନ୍ତ୍ରୀ, ସରକାର ଓ ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନ ଦେବି କିନ୍ତୁ ବିକାଶ ଦିଗରେ କୌଣସି ସାଲିସ କରିବି ନାହିଁ ବିକାଶ ପାଇଁ ଯେଉଁ ଆର୍ଥିକ ଅନୁଦାନ ୨ ଲକ୍ଷ୍ୟ ୯୦ ହଜରା କୋଟି ଟଙ୍କାର ବଜେଟ ଆଣିବା ପାଇଁ ମୁଁ ପ୍ରଚେଷ୍ଟା ଜାରି ରଖିବି ବୋଲି କହିଥିଲେ ।



# ଛେଣ୍ଡିପଦା ଓ ଜରପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ରକ୍ଷା ବନ୍ଧନ ଉତ୍ସବ ପାଳିତ

ଛେଣ୍ଡିପଦା,୩୧ ।୮ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଛେଣ୍ଡିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ବାସୁଦେବ ଦାସ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁନି କୁନି ଛାତ୍ରୀ ମାନେ ଯଥାବିଧି ପୂଜାର୍ଚ୍ଚନା ପୂର୍ବକ ଭଉଣୀ ଭାଇ ମଧ୍ୟରେ ଥିବା ଅନାବିଳ ସ୍ନେହ ଆଦର ପବିତ୍ର ସମ୍ପର୍କ କୁ ଆଧାର କରି ଅଧ୍ୟୟନ ରତ ଛାତ୍ର ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ । ସେହିପରି ଜରପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରଧାନ ଆଚାର୍ଯ୍ୟ



ଲିଙ୍ଗରାଜ ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳନ କରାଯାଇଥିଲା । ତେବେ ସମସ୍ତ ଛାତ୍ରୀ ମାନେ ଯଥାବିଧି ପୂଜାନୀତି ପୂର୍ବକ ପାରମ୍ପରିକ ରୀତିନୀତି ଅନୁଯାୟୀ ଛାତ୍ର ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ । ଏଥିସହ ଜରପଡା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, କର୍ମଚାରୀ,ଥାନା ଅଧିକାରୀ ଏବଂ କର୍ମଚାରୀ ଙ୍କ ଗ୍ରାମ ଓ ବଜାର ପରିକ୍ରମା କରି ଘରେ ଘରେ ରାକ୍ଷୀ ବାନ୍ଧିଥିଲେ । ସେହିପରି କୋଶଳା, ସାପୁଇ ସାହି,ବାଲିପଟ୍ଟା,ବରପଦା , କୋରଡ଼ା, ବାଗ ଡିଆ,ଗଡ ମଣ୍ଡଳ , ମରାଡିରା, ବଡ କେରେଜାଙ୍ଗ ଆଦି ସ୍ଥାନରେ ଏହି ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି ।

# ଛତିଆ ସ୍ଥିତ ଈଶ୍ୱରୀୟ ବ୍ରହ୍ମ କୁମାରୀ ଆନୁକୂଲ୍ୟରେ ରକ୍ତ ଦାନ ଶିବିର ରେ ୮୪ ୟୁନିଟ୍ ସଂଗୃହୀତ

ବଡ଼ଚଣା , ୩୧ ।୮ :(ମନ୍ଥନ) ରକ୍ତ ଦାନ ଜୀବନ ଦାନ'' , ଯାଜପୁର ଜିଲ୍ଲା ଛତିଆ ସ୍ଥିତ ଈଶ୍ୱରୀୟ ବ୍ରହ୍ମ କୁମାରୀ ଆଶ୍ରମ ଆନୁକୂଲ୍ୟରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସ୍ୱର୍ଗତ ରାଜ ଯୋଗିନୀ ଦାଦି ପ୍ରକାଶ ମଣି ଜୀ ଙ୍କ ୧୯ ତମ ପୁଣ୍ୟ ତିଥିରେ ସମଗ୍ର ଦେଶରେ ଏଭଳି ରକ୍ତ ଦାନ ଶିବିର ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ଆଶ୍ରମ ପ୍ରମୁଖ ବ୍ରହ୍ମା କୁମାରୀ କୃଷ୍ଣାଞ୍ଜଳି ଭଉଣୀ ଉଦ୍ଘାଟନ କରିଥିଲେ।

ସ୍ଥାନୀୟ ଅଞ୍ଚଳର ବହୁ ସମାଜ ସେବୀ ଓ ବିଭିନ୍ନ




ସେସ୍ୱାସେବି ସଂଗଠନ ସହଯୋଗ କରିଥିବା ବେଳେ ୮୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇ ଥିଲା।କଟକ ବଡ ମେଡିକାଲ୍ ଟିମ୍ ର ଏକ ଡାକ୍ତରୀ ଟିମ୍ ସହାୟତା କରିଥିଲେ। ଆଶ୍ରମ ପ୍ରମୁଖ ବ୍ରହ୍ମ କୁମାରୀ କୁସୁମାଞ୍ଜଳି ଭଉଣୀ ସମସ୍ତ ସମାଜ ସେବୀ ,ସ୍ଥାନୀୟ ସରପଞ୍ଚ ଓ ସେସ୍ଚ୍ଛା ସେବୀ ଅନୁଷ୍ଠାନ ମାନଙ୍କୁ ଧନ୍ୟବାଦ୍ ଜଣାଇ ଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଗଣା ଶିଶୁ ହୃଦରୋଗ ପରୀକ୍ଷା ଶିବିର ଅନୁଷ୍ଠିତ

ଅନୁଗୋଳ, ୩୧ ।୮ :(ମନ୍ଥନ) ଜାତୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ଏବଂ ବାଙ୍ଗାଲୋର ସ୍ଥିତ ନାରାୟଣ ହୃଦୟାଳୟର ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଏକ ଶିଶୁ, କିଶୋର ଓ କିଶୋରୀଙ୍କ ହୃଦରୋଗ ପରୀକ୍ଷା ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୧୫ ଜଣ ପିଲାଙ୍କ ହୃଦରୋଗ ପରୀକ୍ଷା କରାଯାଇଥିଲା। ଜନ୍ମରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ଜିଲ୍ଲାରେ ଏହି ଶିବିର ଦ୍ୱିତୀୟ ଥର ପାଇଁ ଆୟୋଜନ କରାଯାଇଥିଲା। ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟରୁ ଚିହ୍ନଟ ହୋଇଥିବା ପିଲାମାନଙ୍କୁ ଏଠାରେ ପରୀକ୍ଷା କରାଯାଇଛି। ପରୀକ୍ଷା ପରେ ଗୁରୁତର ଚିହ୍ନଟ ହୋଇଥିବା ପିଲାମାନଙ୍କର ହୃଦରୋଗ ଅସ୍ତ୍ର?ପଚାର ବାଙ୍ଗାଲୋର ସ୍ଥିତ ନାରାୟଣ ହୃଦୟାଳୟରେ ସମ୍ପୂର୍ଣ୍ଣ ମାଗଣାରେ କରାଯିବ। ସରକାର ଏଥିପାଇଁ ସମସ୍ତ ସୁବିଧା ଯୋଗାଇ ଦେବା ସହ ରୋଗୀଙ୍କ ଯାତାୟାତ ଖର୍ଚ୍ଚ ମଧ୍ୟ ବହନ କରିବେ। ଶିବିରରେ ବାଙ୍ଗାଲୋର ନାରାୟଣ ହୃଦୟାଳୟରୁ ଆସିଥିବା ବିଶିଷ୍ଟ ଶିଶୁ ହୃଦରୋଗ




ବିଶେଷଜ୍ଞ ଡ. ଅତୁଲ ସୁରେନ୍ଦ୍ର ପ୍ରଭୁ ଯୋଗଦେଇ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମଦନ ମୋହନ ପ୍ରଧାନ ଏହି ଶିବିରକୁ ଉଦ୍‌ଘାଟନ କରିବା ସହ ଏହାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଡିଏମ୍ଓ(ଏମ୍ଏସ୍) ଡ. ଦିଲ୍ଲୀପ ପଟ୍ଟନାୟକ କହିଥିଲେ ଯେ, ବର୍ତ୍ତମାନ ସମୟରେ ଅନେକ ପିଲା ଜନ୍ମଗତ ହୃଦରୋଗରେ ପୀଡ଼ିତ ହେଉଛନ୍ତି। ଏହାର ଚିକିତ୍ସା ଅତ୍ୟନ୍ତ ଖର୍ଚ୍ଚବହୁଳ ହୋଇଥିବାରୁ ସରକାରଙ୍କ ଏହି ପଦକ୍ଷେପ ଗରିବ ଶ୍ରେଣୀର ରୋଗୀଙ୍କ ପାଇଁ ବେଶ୍ ସହାୟକ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. କୃଷ୍ଣ ଚନ୍ଦ୍ର ପାଲ, ଡିପିଏମ୍ ସୌମ୍ୟାରାଣୀ ଗୌଡ଼, ଆରବିଏସ୍‌କେ ମ୍ୟାନେଜର ଶ୍ରୀ ଦୀପ୍ତିରଞ୍ଜନ ଦାସ, ଜିଲ୍ଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳିକା ସବିତା କୁମାରୀ ପଣ୍ଡା, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପୁଷ୍ପଲତା ପ୍ରଧାନ ଏବଂ ଶିଶୁରୋଗ ବିଶେଷଜ୍ଞ ଡ. ଶିବ ଶଙ୍କର ବରିହାଙ୍କ ସମେତ ଆୟୁଷ ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ, ହସ୍ପିଟାଲ ପରିଚାଳକ ଏବଂ ଏନଆରସିର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଯାଜପୁର, ବଡଚଣା,୩୧ ।୮ :(ମନ୍ଥନ) ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୭୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୩ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୦ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୨ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା।

# ସ୍କୁଲର ତାଲା ଭାଙ୍ଗି ଗ୍ୟାସ୍ ସିଲିଣ୍ଡର ଚୋରି: ୨ଗିରଫ

କୁକୁଡ଼ାଖଣ୍ଡି,୩୧ ।୮ :(ମନ୍ଥନ) ସଦର ଥାନା ଅନ୍ତର୍ଗତ ବାଉଁଶିଆପଲ୍ଲୀ ସ୍କୁଲ ରୋଷେଇ ଘରୁ ଗ୍ୟାସ୍ ସିଲିଣ୍ଡର ଚୋରି ଅଭିଯୋଗରେ ସଦର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ଦଲୁଆ ସାହିର ମଙ୍ଗୁଲୁ ଡାକୁଆ(୨୫), ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ସାଗୁଣା ସାହିର ସନାତନ ପାଣିଗ୍ରାହୀ(୪୯)ଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ହୋଣ୍ଡା ମୋଟର ସାଇକେଲ ସହ ୧୨ଟି ଗ୍ୟାସ୍ ସିଲିଣ୍ଡର ଜବତ ହୋଇଛି। ୨୭ ତାରିଖ ବିଳମ୍ବିତ ରାତିରେ ବାଉଁଶିଆପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୋଷେଇ ଘରୁ ଗ୍ୟାସ ସିଲିଣ୍ଡର ଚୋରି ହୋଇଥିଲା। ଶୁକ୍ରବାର ସକାଳେ ସ୍କୁଲ ରୋଷେଇ ଘର ତାଲା ଭାଙ୍ଗି ପଡ଼ିଥିବା ଓ ୬ଟି ସିଲିଣ୍ଡର ଚୋରି ହୋଇଥିବା ଦେଖିଥିଲେ। ଏନେଇ ପ୍ରଧାନଶିକ୍ଷକ ହରିକୃଷ୍ଣ ଗୌଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଥାନା କେଶ ନଂ ୫୫୩/୨୬ ରେ ଏକ ମାମଲା ରୁଜୁ କରିବା ସହ ସ୍କୁଲକୁ ଯାଇ ସିସିଟିଭି ଯାଞ୍ଚ କରିବା ସହ ଚୋରିର ଫୁଟେଜ ସଂଗ୍ରହ କରି ଘଟଣାର ତଦନ୍ତ ଚଳାଇଥିଲା। ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଚୋରି କରିଥିବା ମଙ୍ଗୁଲୁଙ୍କୁ ଗିରଫ କରିଥିଲା। ମଙ୍ଗୁଲୁ ସମସ୍ତ ସିଲିଣ୍ଡରକୁ ନେଇ ସନାତନଙ୍କୁ ବିକ୍ରି କରିଥିଲେ। ପୁଲିସ ସନାତନଙ୍କ ଘରେ ଚଢ଼ଉ କରି ୧୨ଟି ସିଲିଣ୍ଡର ଜବତ କରିଥିଲା । ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ସୂଚନା ଦେଇଛନ୍ତି ।

# ଚୋରା ନିଶାକାରବାର ବନ୍ଦ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କଲା ମହିଳାସଂଘ

ଡେଲାଙ୍ଗ,୩୧ ।୮ :(ମନ୍ଥନ)ଡେଲାଙ୍ଗ ଥାନା ଅଂଚଳରେ ଦିନ କୁ ଦିନ ଅବାଧ ଚୋରା ନିଶାକାରବାର ବୃଦ୍ଧି ପାଇବାରେ ଲାଗିଛି । ସ୍ଥାନୀୟ ପୋଲିସ ହେଉକି ଅବକାରୀ ବିଭାଗକୁ ଖାତିରି ନକରି ତାଙ୍କର କଳା ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କଲେ ସୁଧା ପୋଲିସ ହାତ ଖାଲି ପଡିଛି । ଡେଲାଙ୍ଗ ଥାନା ଅଧିନସ୍ଥ ଗଡମୋଟରୀ ଗ୍ରାମପଂଚାୟତ ଅର୍ନ୍ତଗତ ଗଣ୍ଡପଡା ଗ୍ରାମର ବିଭିନ୍ନ ସ୍ଥାନରେ ଚୋରା ନିଶାକାରବାର ବୃଦ୍ଧିପାଇବା ସହ ନାନା ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ନୂଆସାହୀ ଛକରେ ଚୋରା ମଦ, ଗଞ୍ଜେଇ , ଭାଙ୍ଗ ଆଦି ଦିବାଲୋକରେ ବିକ୍ରି କରାଯାଉଥିବା ହେତୁ ସାହି ମାନଙ୍କରେ ସଂନ୍ଧ୍ୟା ସମୟରେ ପ୍ରତ୍ୟକ ଦିନ ଗଣ୍ଡଗୋଳ,ମାରପିଟ,ଅଶ୍ରାବ୍ୟ ଭାଷାରେ ଗାଳି



ଗୁଳଜ ନିତି ଦିନିଆ ଘଟଣାରେ ପରିଣତି ହୋଇଥିବା ମହିଳା ସଂଘ ଅଭିଯୋଗ କରିଛି । ଏହି ଚୋରା ନିଶାକାରବାର ପାଇଁ ପିଲାମାନେ ପାଠପଢି ପାରୁ ନାହାଁନ୍ତି । ଗାଁରେ ଚଳପ୍ରଚଳରେ ବାଧା ସୃଷ୍ଟି ହେଉଛି । ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ କରି ଗଣ୍ଡପଡା ଗ୍ରାମର ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ଥାନାରେ ଅଭିଯୋଗ କରିଛନ୍ତି । ଚୋରା ନିଶାକାରବାର ବନ୍ଦ କରିବା ସହ ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା କୁ ଦାବୀ କରି ୪ଟି ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ଗାଦିବ୍ରହ୍ମ,ମା ମଙ୍ଗଳା,ମା ବାଟମଙ୍ଗଳା ଓ ମା କାଳିକା ଗୋଷ୍ଠୀ ପକ୍ଷରୁ ପୁରୀ ଜିଲ୍ଲା ସିପିଆଇ(ଏମଏଲ) ସମ୍ପାଦକ ଅଶୋକ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା କମିଟି ସଭ୍ୟ କୈଳାସ ବେହେରା ଏବଂ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀର ସଦସ୍ୟା ସରସ୍ୱତୀ ବେହେରା, ଟିକିନା ବେହେରା , ଲତା ବେହେରା, ଅନିତା ବେହେରା, ମିଲି ବେହେରା , ବାସନ୍ତି ବେହେରା, ସଞ୍ଜୁ ବେହେରା ପ୍ରମୁଖ ଡେଲାଙ୍ଗ ଥାନାରେ ପହଂଚି ଥାନା ଅଧିକାରୀଙ୍କ ଅନୁପସ୍ଥିତିରେ ଏସଆଇ ସୁଧାଂଶୁ ବାରିକଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଯଦି ଚୋରା ନିଶାକାରବାର ବନ୍ଦ ସହ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନହୁଏ ତାହାଲେ ୭ଦିନ ମଧ୍ୟରେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଜାତୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମର ଉଦଯାପନୀ ଦିବସରେ ସାଇକେଲ ଶୋଭାଯାତ୍ରା ଆୟୋଜିତ

ଅନୁଗୋଳ,'୩୧ ।୮ :(ମନ୍ଥନ) ଜାତୀୟ କ୍ରୀଡ଼ା ଦିବସ ସମାରୋହର ଉଦଯାପନୀ ଦିବସରେ ଜିଲ୍ଲା ପ୍ରଶାସନ ତରଫରୁ ଆଜି ପୂର୍ବାହ୍ନରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସୁସ୍ଥ ସମାଜ ଗଠନ ପାଇଁ କ୍ରୀଡାବିତମାନଙ୍କୁ ବ୍ରତୀ ହେବାକୁ ମାନ୍ୟବର ବିଧାୟକ କହିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜୀବ ଲୋଚନ ପଣ୍ଡା, ରିଜର୍ଭ ଇନ୍ସପେକ୍ଟର ଶ୍ରୀ ଗୋବିନ୍ଦ ମାରାଣ୍ଡି ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯୁବ ସମାଜକୁ କ୍ରୀଡା ପ୍ରତି




ଆକୃଷ୍ଟ କରିବାର ବାର୍ତ୍ତା ନେଇ ଆୟୋଜିତ ଏହି ସାଇକେଲ ରାଲି ତଥା ୱାକାଥନ୍ ରେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ, କ୍ରୀଡାବିତ୍ ଓ ସାମରିକ ବାହିନୀର ପ୍ରଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ସଂସଦର ବରିଷ୍ଠ ସଦସ୍ୟ ଶ୍ରୀ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ଓ୍ୱୁଶୁ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ଜଜ୍ ଶ୍ରୀ ସୁଶାନ୍ତ ନାଏକ, ଶ୍ରୀ ବାବୁଲ ପ୍ରସାଦ ମହାନ୍ତି, ବ୍ୟାଡମିଣ୍ଟନ୍ କୋଚ୍ ଶ୍ରୀ ବିଶ୍ୱଜିତ୍ ଦାସ, ଶ୍ରୀ ଅରୁଣ ନାଏକ, ଶ୍ରୀ ବିନୋଦ ନାଏକ, ଅନ୍ତର୍ଜାତୀୟ ଓ୍ୱୁଶୁ ଖେଳାଳି ଶ୍ରୀ ବାବୁଲ ମୁଣ୍ଡା, ଶ୍ରୀ ଚିତ୍ତରଞ୍ଜନ ମହନ୍ତ ଓ ଶ୍ରୀ ଦୋଳଗୋବିନ୍ଦ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ 'ମେରା ଯୁବା ଭାରତ'ର ଅତିରିକ୍ତ ଜିଲ୍ଲା ସଂଯୋଜକ ଶ୍ରୀ ତପନ କୁମାର ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମରି ସତ୍ୟ ଷୋଡ଼ଶ ବାର୍ଷିକ ଉତ୍ସବ.. ୨୦୨୬

ଖୋର୍ଦ୍ଧା,୩୧ ।୮ :(ମନ୍ଥନ)ରବିବାର ଦିନ ଆମରି ସତ୍ୟ ଖୋର୍ଦ୍ଧାର ଷୋଡ଼ଶ ବାର୍ଷିକ ଉତ୍ସବ.. ୨୦୨୬ ସମ୍ପାଦକ ଡ. ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟକ ଭାବରେ ମେଜର କ୍ଷିରୋଦ ପ୍ରସାଦ ମହାନ୍ତି ଯୋଗ ଦେଇ ପୁସ୍ତକ ପଠନ ଦ୍ୱାରା ଅନ୍ତଃକରଣ ଶୁଦ୍ଧି ଓ ବୌଦ୍ଧିକ ବିକାଶ ହୁଏ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ଆରତି କର ସାହିତ୍ୟ ହେଉଛି ଉତ୍ତମ ମାର୍ଗଦର୍ଶକ, ଚିନ୍ତା ଓ ଚେତନାର ଅଭିବୃଦ୍ଧିର କାରକ, ଜ୍ଞାନର ଆଲୋକ ପ୍ରଦାୟକ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଅନୁବାଦକ ଶ୍ରୀଯୁକ୍ତ ତୁଳସୀ ଜୈନ ଆଜିର ଯୁବପିଢୀ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଆଗେଇ ଆସିବା ସହିତ ଅଭିଭାବକଙ୍କ ଦିଗଦର୍ଶନ ଗ୍ରହଣ କରିବା ଉଚିତ । ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଡ. ବିଷ୍ଣୁ ଚରଣ ସାହୁ କହିଲେ, ଆମରି ସତ୍ୟ ପତ୍ରିକା ନୈତିକ, ବୌଦ୍ଧିକ ଆଧାତ୍ମିକ ଶିକ୍ଷା ପ୍ରଦାନ କରିଥାଏ। ତାର ଅଭିବୃଦ୍ଧି ଆମର କାମ୍ୟ। ଆମରି ସତ୍ୟ ପତ୍ରିକା ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଗତ ଭାଷଣ ଦେଇଥିଲେ । ଆମରି ସତ୍ୟ ପତ୍ରିକା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମହାପାତ୍ର ଓଡିଆ ଭାଷା ସହ ନିଜର ଅସ୍ମିତାକୁ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ । ଆମରି ସତ୍ୟ ବିକାଶ ପରିଷଦ ସମ୍ପାଦକ ଶ୍ରୀ ଆଦି ନାରାୟଣ ଖଣ୍ଡୁଆଳ ପରିଷଦର ବାର୍ଷିକ ବିବରଣୀ ପାଠ କରିବା ସହ ଐତିହାସିକ ଶ୍ରୀଯୁକ୍ତ ସତ୍ୟବାଦୀ ବାଳୀୟରସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ରାମଶଙ୍କର ଓ ଶ୍ରୀମତୀ ରଶ୍ମିତା ନାୟକ ମଞ୍ଚ ପରିଚଳନା କରିଥିଲେ। ଏହି ଅବସରରେ ଆମରି ସତ୍ୟ ତରଫରୁ ଡ. ଗୁରୁପ୍ରସାଦ ମହାପାତ୍ରଙ୍କୁ ଆମରିସତ୍ୟ ସାରସ୍ୱତ ସମ୍ମାନ, ଡ. ଆଚାର୍ଯ୍ୟ ସୂର୍ଯ୍ୟକାନ୍ତଙ୍କୁ ପଟ୍ଟଯୋଷିଙ୍କୁ ଆମରିସତ୍ୟ ସମ୍ମାନ ,ଶ୍ରୀଯୁକ୍ତ ପଦ୍ମନାଭ ବିଶ୍ୱାଳଙ୍କୁ ଶିକ୍ଷା ସମ୍ମାନ, ଶ୍ରୀ ଯୁକ୍ତ ଲାଲା ବିରେନ୍ ପ୍ରାସାଦ ରାୟ ଙ୍କୁ ଡ଼ା. ଧନେଶ୍ୱର ସାହୁ ନାଟ୍ୟ ସମ୍ମାନରେ ଭୁଷିତ କରାଯାଇଥିଲା। ଶ୍ରୀଯୁକ୍ତ ସୁରେଶ ସ୍ୱାଇଁଙ୍କୁ ସ୍ୱର୍ଗତ ରମାକାନ୍ତ ମିଶ୍ର ପାଲା ଗାୟକ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସ୍ୱତନ୍ତ୍ର ଭାବରେ ଉତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ଶ୍ରୀ ଆଦି ନାରାୟଣ ଖଣ୍ଡୁଆଳ, ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ, ଶ୍ରୀ ଜବାହର ଲାଲ ସୁବୁଦ୍ଧି, ପ୍ରତାପ କୁମାର ବାରିକ, ବିଜୟାନନ୍ଦ ପଟ୍ଟନାୟକ,ଅର୍ଜୁନ ବାରିକ , ବିଷ୍ଣୁ ପ୍ରସାଦ ସ୍ୱାଇଁ ,ପ୍ରତାପ କୁମାର ବାରିକଙ୍କୁ ଆମରି ସତ୍ୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କବିତା ପାଠ ଉତ୍ସବଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ କବିତା ପାଠ କାର୍ଯ୍ୟକର୍ମ ସମରଜିତ୍ ପଟ୍ଟନାୟକ, ବିଭୁପ୍ରସାଦ ଶ୍ରୀଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପଦ୍ମନାଭ ପାଣିଗ୍ରାହୀ, ତ୍ରିଲୋଚନ ମହାପାତ୍ର, ରଶ୍ମିତା ନାୟକ, ବିଜୟାନନ୍ଦ ପଟ୍ଟନାୟକ ପରିଚାଳନାକରିଥିଲେ। ଗୋପାଳ କୃଷ୍ଣ ଦାସ ,ଡ.ନିରଞ୍ଜନ ମହାନ୍ତି , ଡ. ପ୍ରସନ୍ନ କୁମାର ମହାପାତ୍ର, ଶ୍ରୀମତୀ ମନରୋମା ପାଢୀ, ଟି.ଅକ୍ଷୟ କୁମାର ଆଦି ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।

# ସାମ୍ବାଦିକଙ୍କ ସୁରକ୍ଷା ସହ ପେନସନ ବ୍ୟବସ୍ଥା ଲାଗୁ କରିବା ନିହାତି ଆବଶ୍ୟକ

ବଲାଙ୍ଗୀର,୩୧ ।୮ :(ମନ୍ଥନ) ଗଣତନ୍ତ୍ର ରାଷ୍ଟ୍ର ରେ ଗଣମାଧ୍ୟମ ର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି । ଦେଶକୁ ସମୃଦ୍ଧ ତଥା ପ୍ରଗତିଶୀଳ କରାଇବାରେ ଗଣମାଧ୍ୟମ ନିଜକୁ ଉତ୍ସର୍ଗୀକୃତ ଭାବରେ ରଖି ସର୍ବଦା ସାଲିସବିହୀନ ସେବା ଭାବରେ ନିଜ ଦାୟିତ୍ୱ ବହନ କରି ଆସୁଛି । ଜନମଙ୍ଗଳ ରାଷ୍ଟରେ ତିନୋଟି ସ୍ତମ୍ଭ ବେତନଭୋଗୀ ରହିଥିବା ବେଳେ ଏକ ନିର୍ଦ୍ଦିଷ୍ଟ ସମୟସୀମା ପରେ ପେନସନ ପାଉଥିବା ବେଳେ ଉଭୟ ତିନୋଟି ସ୍ତମ୍ଭ କୁ ପରୋକ୍ଷ ତଥା ପ୍ରତ୍ୟକ୍ଷ ଭାବରେ ସଂଗଠିତ କରୁଥିବା, ସମନ୍ୱୟ ରଖି କାର୍ଯ୍ୟକରୁଥିବା ତଥା ସେମାନଙ୍କ ସାଧାରଣ ଜନତା ପ୍ରତି ରହିଥିବା ଉତ୍ତରଦାୟିତ୍ୱବୋଧ କୁ ଜାଗ୍ରତ କରୁଥିବା ଗଣମାଧ୍ୟମ ଆଜି ଅବହେଳିତ ଅବସ୍ଥାରେ ରହିଛି । ନା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ବେତନ ମିଳୁଛି ଆଉ ନା ପେନସନ ବ୍ୟବସ୍ଥା ରହିଛି । ସାଧାରଣ ସୁରକ୍ଷା ବ୍ୟବସ୍ଥା ବି ନାହିଁ । ଏଣୁ ଆଜି ଯିଏ ସମାଜର ଆଇନା ସାଜି ସମସ୍ତ ପରିସ୍ଥିତି ରେ ଖରା, ବର୍ଷା, ଶୀତ ସହିତ ଝଡ଼ ଝଞ୍ଜା କୁ ସାମ୍ନା କରି ଅହରହ ପରିଶ୍ରମ କରି ଖବର ସଂଗ୍ରହ କରିଆସୁଥିବା ସାମ୍ବାଦିକ ଟିଏ ଆଜି ଦିନ ମଜୁରିଆ ଠୁ ବି ଆହୁରି ନିମ୍ନଗାମୀ ହେବାରେ ଲାଗିଛି । ଯାହାକୁ ନେଇ ବକ୍ତା



ମାନେ ରବିବାର ବଲାଙ୍ଗୀର ଜିଲ୍ଲା ସାମ୍ବାଦିକ ସଂଘ ର ୬୫ ତମ ପ୍ରତିଷ୍ଠା ଦିବସ ରେ ପ୍ରକାଶ କରିବା ସହିତ ତୀବ୍ର ଉଦବେଗ ପ୍ରକାଶ କରିଛନ୍ତି । ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ରବି ଦାଶ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବର୍ତ୍ତମାନ ପରିସ୍ଥିତି ରେ ଗଣମାଧ୍ୟମ ପ୍ରତିନିଧି ମାନେ ଅବହେଳିତ ଅବସ୍ଥା ରେ ରହିଥିବା ବେଳେ କୌଣସି ସରକାର ସାମ୍ବାଦିକ ମାନଙ୍କ ପାଇଁ ବିଧି ବ୍ୟବସ୍ଥା, ସୁରକ୍ଷା, ପେନସନ, ବେତନ ଉପରେ ପଦକ୍ଷେପ ନ ନେବା ଆହୁରି ଦୁଃଖଦାୟକ ବୋଲି କହିଛନ୍ତି । ପୂର୍ବତନ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ସାମ୍ବାଦିକ ମାନଙ୍କ ପାଇଁ ରହିଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ସେବା କୁ ୫ ଲକ୍ଷ ପରିବର୍ତ୍ତେ ୧୦ ଲକ୍ଷ କୁ ବୃଦ୍ଧି କରିବା ସହିତ ସୁରକ୍ଷା ବ୍ୟବସ୍ଥା ଏବଂ ପେନସନ ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବୀ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଭବ୍ୟ ପ୍ରତିଷ୍ଠା ଦିବସ ସମାରୋହ ରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସରକାର ଙ୍କ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଯୋଗ ଦେଇ ସାମ୍ବାଦିକ ମାନଙ୍କ ସମସ୍ତ ସମସ୍ୟା ଏବଂ ଏହାର ନିରାକରଣ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ସହ ଆଲୋଚନା କରିବେ ଏବଂ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଉପସ୍ଥିତ ବଲାଙ୍ଗୀର ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଆଶ୍ୱାସନା ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ କଣ୍ଟାବାଞ୍ଜି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରପରିଷଦ ଅଧ୍ୟକ୍ଷା ଲିକା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭା କୁ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚରଣ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଜିଲ୍ଲା ସଭାପତି ଶିବ ପ୍ରସାଦ ପରିଡା, ସମ୍ପାଦକ ଶିଶିରକାନ୍ତ ଶତପଥୀ ପ୍ରମୁଖ ମଂଚାସୀନ ଥିଲେ । ଏହା ପୂର୍ବରୁ ଜିଲ୍ଲା ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ଗୋପବନ୍ଧୁ ଶତପଥି ଧ୍ୱଜାବତୋରଣ କରିଥିଲେ । ଏହି ଅବସରରେ ଜିଲ୍ଲା ର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ନାରାୟଣ ପୃସେଠ ସ୍ମୃତି ସମ୍ମାନ ମୁକେଶ ବହିଦାର, ସପନ ବହିଦାର ସ୍ମୃତି ସମ୍ମାନ ଅଭିଲାଷ ହୋତା,ଶଙ୍କର ପ୍ରସାଦ ସ୍ମୃତି ସମ୍ମାନ ଦୀପକ ପୁରୋହିତ, ସତ୍ୟନାରାୟଣ ବେହେରା ସ୍ମୃତି ସମ୍ମାନ ଅନୀଳ ତ୍ରିପାଠୀ,ବାଳକୃଷ୍ଣ ହୋତା ସ୍ମୃତି ସମ୍ମାନ ସୁବ୍ରତ ନାଏକ, ହୃଦାନନ୍ଦ ନନ୍ଦ ସ୍ମୃତି ସମ୍ମାନ ଦୀପକ କୁମାର ଦାସ ଯାଦବଙ୍କୁ ସମ୍ମାନିତ କରାଯାଇଥିଲା ।

# ନିର୍ମାଣ ଓ ଅଣସଂଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ଓ ସହାୟତା ରାଶି ବଣ୍ଟନ ଶିବିର

ଯାଜପୁର,୩୧ ।୮ :(ମନ୍ଥନ)ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ଯାଜପୁର ପକ୍ଷରୁ ଯାଜପୁର ରୋଡ୍ ?ସ୍ଥିତ ସଂସ୍କୃତି ଭବନଠାରେ ଜିଲ୍ଲାର ପଞ୍ଜୀକୃତ ନିର୍ମାଣ ଓ ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସହାୟତା ରାଶି ଏବଂ ପରିଚୟ ପତ୍ର ବଣ୍ଟନ ଶିବିର ଆୟୋଜିତ ହୋଇଯାଇଛି। ଏହି ବୃହତ୍ ସମାରୋହରେ ଜିଲ୍ଲାର ମୋଟ ୫୪୩ ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ୨ କୋଟି ୧୮ ଲକ୍ଷ ଟଙ୍କାର ବିଭିନ୍ନ କଲ୍ୟାଣକାରୀ ଆର୍ଥିକ ସହାୟତା ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବା ସହ ନୂତନ ଶ୍ରମିକମାନଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ, ଲୋକସଭା, ଯାଜପୁର ଡ଼ା. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଏବଂ କୋରେଇର ମାନ୍ୟବର ବିଧାୟକ ଶ୍ରୀ ଆକାଶ ଦାସନାୟକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ଶ୍ରୀ ସପନ କୁମାର ନନ୍ଦ, ଯୁଗ୍ମ ଶ୍ରମ ଆୟୁକ୍ତ ଶ୍ରୀ ଶିବ ଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ସତ୍ୟ ନାରାୟଣ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାନ୍ୟବର ସାଂସଦ ଶ୍ରୀ ବେହେରା ନିଜ ବକ୍ତବ୍ୟରେ ଶ୍ରମିକ ସମାଜର ଆର୍ଥିକ ଉନ୍ନତି ଓ ନିରାପତ୍ତା ଉପରେ ଗୁରୁତ୍ୱ ଦେଇ କହିଲେ ଶ୍ରମିକ ଭାଇ ଓ ଭଉଣୀମାନେ ହେଉଛନ୍ତି ଆମ ସମାଜ ଓ ବିକାଶର ମୂଳଦୁଆ। ପ୍ରତ୍ୟେକ ନିର୍ମାଣ ଓ ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ନିରାପତ୍ତା ଏବଂ ସେମାନଙ୍କ ପରିବାରର ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଶିକ୍ଷା, ବିବାହ, ପ୍ରସୂତି ଓ ମୃତ୍ୟୁକାଳୀନ ସହାୟତା ରାଶି ଡିବିଟି ମାଧ୍ୟମରେ ସିଧାସଳଖ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି, ଯାହାଫଳରେ ସ୍ୱଚ୍ଛତା ବଜାୟ ରହିବା ସହ ସେମାନେ ପ୍ରକୃତ ସୁବିଧା ପାଇପାରୁଛନ୍ତି। ଜିଲ୍ଲାର କୌଣସି ଯୋଗ୍ୟ ଶ୍ରମିକ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଶ୍ରମ ବିଭାଗ ନିରନ୍ତର କାର୍ଯ୍ୟ କରୁଛି। ଉକ୍ତ ବୈଠକରେ ଯୋଗଦେଇ କୋରେଇ ବିଧାୟକ ଶ୍ରୀ ଦାସନାୟକ ସାଧାରଣ ନିର୍ମାଣ ଓ ଅଣସଂଗଠିତ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସରକାରୀ ଯୋଜନାର ସଫଳ ରୂପାୟନ ସହ କୋରେଇ ଅଞ୍ଚଳର ଶ୍ରମିକଙ୍କ ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରିବାକୁ ଆଶ୍ୱାସନା ଦେଇଥିଲେ। ଏଥି ସହ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଦୀପ୍ତି ରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ ।ସରକାରୀ ସହାୟତା ବାବଦକୁ ୩୫୨ ଜଣ ଶ୍ରମିକଙ୍କ ପିଲାମାନଙ୍କୁ ୪୦,୦୧,୮୦୦ ଟଙ୍କାର ଶିକ୍ଷା ସହାୟତା, ୯୧ ଜଣ ହିତାଧିକାରୀଙ୍କୁ ୪୪,୭୫,୦୦୦ ଟଙ୍କାର ବିବାହ ସହାୟତା (ପ୍ରତି ହିତାଧିକାରୀ ୫୦,୦୦୦ ଟଙ୍କା), ୪୪ ଜଣ ମୃତ ଶ୍ରମିକଙ୍କ ପରିବାରକୁ ୧,୩୦,୦୦,୦୦୦ ଟଙ୍କାର ମୃତ୍ୟୁକାଳୀନ ସହାୟତା, ୪୫ ଜଣଙ୍କୁ ୨,୨୫,୦୦୦ ଟଙ୍କାର ଅନ୍ତେଷ୍ଟିକ୍ରିୟା ଖର୍ଚ୍ଚ ଏବଂ ୧୧ ଜଣଙ୍କୁ ୧,୧୦,୦୦୦ ଟଙ୍କାର ପ୍ରସୂତିକାଳୀନ ସହାୟତା ପ୍ରଦାନ କରାଯାଇଥିଲା।

ମଙ୍ଗଳବାର ୦୧ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର
Tuesday September 01 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସୁଯୋଗର ସମାନତା ଆବଶ୍ୟକ

ଆଜିର ଯୁବପିଢ଼ି ଏକ ଅଜବ ଦ୍ୱନ୍ଦ୍ୱ ମଧ୍ୟରେ ବଞ୍ଚୁଛି । ଗୋଟିଏ ପଟେ ତାଙ୍କୁ କୁହାଯାଉଛି ଯୋଗ୍ୟ ହୁଅ, ପରିଶ୍ରମ କର, ପ୍ରତିଯୋଗିତାରେ ଜିତ, ନିଜ ପାଦରେ ଠିଆ ହୁଅ; ଅନ୍ୟ ପଟେ ଚାକିରିର ସଂଖ୍ୟା ସୀମିତ, ପ୍ରତିଯୋଗିତା ଅତ୍ୟନ୍ତ କଠିନ ଏବଂ ଅନେକ କ୍ଷେତ୍ରରେ ସୁଯୋଗ ବଣ୍ଟନକୁ ନେଇ ଯୁବମାନଙ୍କ ମନରେ ପ୍ରଶ୍ନ ବଢୁଛି । ଏହି ପ୍ରଶ୍ନକୁ ଦଳୀୟ ଚଷମାରେ ନୁହେଁ, ଯୁବପିଢ଼ିର ଭବିଷ୍ୟତର ଚଷମାରେ ଦେଖିବାର ସମୟ ଆସିଛି । ସଂରକ୍ଷଣର ମୂଳ ଉଦ୍ଦେଶ୍ୟ ଐତିହାସିକ ଓ ସାମାଜିକ ବଞ୍ଚନାର ସମାଧାନ କରିବା ଏବଂ ପଛପଡ଼ା ବର୍ଗକୁ ସୁଯୋଗ ଦେବା; ତେଣୁ ଏହାକୁ ଏକ ଦିନରେ ଅସ୍ୱୀକାର କରିଦେବା ଯେତିକି ସରଳ ନୁହେଁ, ସେତିକି ସଂରକ୍ଷଣ ବ୍ୟବସ୍ଥାର ପ୍ରତ୍ୟେକ ପ୍ରଶ୍ନକୁ ଚୁପ୍ ?ଚାପ ଗ୍ରହଣ କରିନେବା ମଧ୍ୟ ଠିକ୍ ନୁହେଁ । ଆଜିର ପ୍ରଶ୍ନ ହେଉଛି—ସଂରକ୍ଷଣ କେତେଦିନ ପର୍ଯ୍ୟନ୍ତ ରହିବ, କେଉଁଠି ରହିବ, କାହା ପାଇଁ ରହିବ ଏବଂ ତାହାର ପ୍ରକୃତ ଲାଭ କାହା ପାଖକୁ ପହଞ୍ଚୁଛି ? ଏହି ପ୍ରଶ୍ନ କରିବା ଅପରାଧ ନୁହେଁ; ବରଂ ଗଣତନ୍ତ୍ରରେ ପ୍ରଶ୍ନ କରିବା ହେଉଛି ନାଗରିକର ଅଧିକାର । ଯୁବକ ଯେତେବେଳେ ବର୍ଷ ବର୍ଷ ଧରି ପଢ଼ି ପ୍ରତିଯୋଗିତାମୂଳକ ପରୀକ୍ଷା ଦିଏ, ଫଳାଫଳ ପାଇଁ ଅପେକ୍ଷା କରେ, ବୟସ ସୀମା ନିକଟକୁ ଆସେ ଏବଂ ଚାକିରିର ସଂଖ୍ୟା କମିଯାଏ, ସେତେବେଳେ ତାଙ୍କ ମନରେ ଅସନ୍ତୋଷ ଜନ୍ମ ନେବା ସ୍ୱାଭାବିକ । କିନ୍ତୁ ସେହି ଅସନ୍ତୋଷକୁ କୌଣସି ସମ୍ପ୍ରଦାୟ ବିରୋଧୀ ଘୃଣାରେ ପରିଣତ କରିବା ମଧ୍ୟ ଭୁଲ । ଯୁବପିଢ଼ିକୁ ବୁଝିବାକୁ ପଡ଼ିବ ଯେ ତାଙ୍କର ପ୍ରକୃତ ପ୍ରତିଦ୍ୱନ୍ଦ୍ୱୀ ଅନ୍ୟ ଜଣେ ଯୁବକ ନୁହେଁ; ପ୍ରକୃତ ପ୍ରଶ୍ନ ହେଉଛି ସୀମିତ ଚାକିରି, ଦୁର୍ବଳ କୌଶଳ ବିକାଶ, ପରୀକ୍ଷା ବ୍ୟବସ୍ଥାର ବିଳମ୍ବ, ଶିକ୍ଷାର ଅସମାନତା ଏବଂ ଅର୍ଥନୀତିରେ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟିର ଅଭାବ । ଏକ ଶତାଧିକ ପଦ ପାଇଁ ଯଦି ଲକ୍ଷ ଲକ୍ଷ ଯୁବକ ଦୌଡ଼ନ୍ତି, ତେବେ ସମସ୍ୟା କେବଳ କିଏ ସଂରକ୍ଷଣ ପାଇଲା ତାହା ନୁହେଁ; ସମସ୍ୟା ହେଉଛି ଏତେ ଯୁବକଙ୍କ ପାଇଁ ପର୍ଯ୍ୟାପ୍ତ ଅବସର କାହିଁକି ସୃଷ୍ଟି ହେଉନାହିଁ । ଆମେ ଯଦି ସଂରକ୍ଷଣ ନେଇ ଯୁବମାନଙ୍କୁ ଯୁବମାନଙ୍କ ବିରୋଧରେ ଠିଆ କରିଦେବା, ତେବେ ଲାଭ କାହାର ହେବ ? ସମାଜ ଭାଗ ହେବ, କିନ୍ତୁ ଚାକିରି ବଢ଼ିବ ନାହିଁ । ସେଥିପାଇଁ ଆଜିର ଦାବି ହେବା ଉଚିତ—ସଂରକ୍ଷଣ ବ୍ୟବସ୍ଥାକୁ ନିରନ୍ତର ପରୀକ୍ଷା କରାଯାଉ, ଯେଉଁଠି ପ୍ରକୃତରେ ଐତିହାସିକ ବଞ୍ଚନା ରହିଛି ସେଠାରେ ସୁଯୋଗ ନିଶ୍ଚିତ କରାଯାଉ, କିନ୍ତୁ ସେହି ସହିତ ଯୋଗ୍ୟତା, ସ୍ୱଚ୍ଛତା ଏବଂ ସମାନ ସୁଯୋଗର ମୂଳ ନୀତିକୁ ମଧ୍ୟ ସୁରକ୍ଷିତ ରଖାଯାଉ । ସବୁଠାରୁ ବଡ଼ ପରିବର୍ତ୍ତନ ଆସିବ ଯଦି ସରକାର ଚାକିରି ପାଇଁ ଯୁବକଙ୍କୁ କେବଳ ଅପେକ୍ଷା କରାଇ ନ ରଖି, ନୂଆ ଶିଳ୍ପ, ନୂଆ ବ୍ୟବସାୟ, ନୂଆ ପ୍ରଯୁକ୍ତି ଏବଂ ନୂଆ ଉଦ୍ୟମ ପାଇଁ ବିଶାଳ ସୁଯୋଗ ସୃଷ୍ଟି କରିବ । ଜଣେ ଯୁବକଙ୍କ ଭବିଷ୍ୟତ କେବଳ ଗୋଟିଏ ସରକାରୀ ଚାକିରିରେ ନିର୍ଭର କରିବା ଉଚିତ ନୁହେଁ । ତାଙ୍କ ପାଖରେ ଉଦ୍ୟମୀ ହେବାର ସୁଯୋଗ ଥାଉ, କୌଶଳ ଶିଖିବାର ସୁଯୋଗ ଥାଉ, ଭଲ ଦରମାର ଘରୋଇ ଚାକିରି ଥାଉ, ନୂଆ ଶିଳ୍ପରେ କାମ ଥାଉ ଏବଂ ନିଜ ଗାଁରେ ରହି ମଧ୍ୟ ଆୟ କରିବାର ବ୍ୟବସ୍ଥା ଥାଉ । ସେହି ଦିନ ଆସିଲେ ସଂରକ୍ଷଣକୁ ନେଇ ଚାପ ମଧ୍ୟ ଧୀରେ ଧୀରେ କମିପାରିବ । କାରଣ ସୁଯୋଗ ଯେତେ ବଢ଼ିବ, ପ୍ରତ୍ୟେକ ଯୁବକଙ୍କ ପାଇଁ ଲଢେଇ ସେତେ କମ୍ ହେବ । ଆମ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ବଡ଼ ପରିବର୍ତ୍ତନ ଦରକାର । ଗାଁର ଗରିବ ଛାତ୍ର ଏବଂ ସହରର ସମ୍ପନ୍ନ ଛାତ୍ର ଯଦି ସମାନ ପରୀକ୍ଷା ଦେଉଛନ୍ତି, ତେବେ ତାଙ୍କ ପ୍ରସ୍ତୁତିର ସୁଯୋଗ ମଧ୍ୟ ସମାନ ହେବା ଦରକାର । ଭଲ ବିଦ୍ୟାଳୟ, ଭଲ ଶିକ୍ଷକ, ପୁସ୍ତକାଳୟ, ପ୍ରଯୁକ୍ତି, ପରାମର୍ଶ ଏବଂ ଛାତ୍ରବୃତ୍ତି ଯଦି ଦୁର୍ବଳ ବର୍ଗର ପିଲାଙ୍କ ପାଖକୁ ପହଞ୍ଚ ?, ତେବେ ଭବିଷ୍ୟତରେ ସେମାନେ କେବଳ ସଂରକ୍ଷଣର ଆଶ୍ରୟ ନେବାକୁ ବାଧ୍ୟ ହେବେ ନାହିଁ; ନିଜ ଯୋଗ୍ୟତାରେ ମଧ୍ୟ ଆଗକୁ ଆସିପାରିବେ । ଏହାହିଁ ହେଉଛି ସ୍ଥାୟୀ ସଶକ୍ତିକରଣ । ତେଣୁ ଯୁବପିଢ଼ି ପାଇଁ ଆଜିର ସନ୍ଦେଶ ସ୍ପଷ୍ଟ—କାହାର ଅଧିକାର ଛଡ଼ାଇବାକୁ ଲଢ଼ନ୍ତୁ ନାହିଁ, ନିଜ ପାଇଁ ଅଧିକ ସୁଯୋଗ ସୃଷ୍ଟି ହେବାକୁ ଲଢ଼ନ୍ତୁ । ସଂରକ୍ଷଣ ବିରୋଧୀ ନାରା ଠାରୁ ବଡ଼ ନାରା ହେଉ—ସମାନ ଶିକ୍ଷା, ସମାନ ସୁଯୋଗ, ସ୍ୱଚ୍ଛ ନିଯୁକ୍ତି ଏବଂ ଅଧିକ ଚାକିରି । ରାଜନୀତି ଯଦି ଯୁବପିଢ଼ିକୁ ଭାଗ କରିବା ପାଇଁ ସଂରକ୍ଷଣକୁ ବ୍ୟବହାର କରେ, ଯୁବକମାନେ ସେହି ରାଜନୀତିକୁ ପ୍ରଶ୍ନ କରନ୍ତୁ । କିନ୍ତୁ ପ୍ରଶ୍ନ କରିବାବେଳେ ଇତିହାସକୁ ଭୁଲନ୍ତୁ ନାହିଁ, ସମାଜର ବଞ୍ଚିତ ଲୋକଙ୍କ ବାସ୍ତବତାକୁ ଅସ୍ୱୀକାର କରନ୍ତୁ ନାହିଁ ଏବଂ ଘୃଣାକୁ ରାଜନୀତିର ଅସ୍ତ୍ର ହେବାକୁ ଦିଅନ୍ତୁ ନାହିଁ । ଭାରତର ଯୁବପିଢ଼ିକୁ ଏମିତି ଏକ ବ୍ୟବସ୍ଥା ଦରକାର ଯେଉଁଠି ତାଙ୍କ ପରିଚୟ ନୁହେଁ, ତାଙ୍କ ସ୍ୱପ୍ନ ତାଙ୍କ ଭବିଷ୍ୟତର ମାପକାଠି ହେବ; ଯେଉଁଠି ଗରିବ ପିଲାକୁ ଭଲ ଶିକ୍ଷା ମିଳିବ, ପରିଶ୍ରମୀ ଯୁବକକୁ ସ୍ୱଚ୍ଛ ପ୍ରତିଯୋଗିତା ମିଳିବ ଏବଂ ପ୍ରତ୍ୟେକ ଯୁବକଙ୍କୁ ନିଜ ସାମର୍ଥ୍ୟ ପ୍ରମାଣ କରିବାର ପର୍ଯ୍ୟାପ୍ତ ମଞ୍ଚ ମିଳିବ । ସଂରକ୍ଷଣ ନେଇ ଆଲୋଚନା ଚାଲିବ, ମତଭେଦ ରହିବ, ନୀତି ବଦଳିବ; କିନ୍ତୁ ଯୁବପିଢ଼ିର ସ୍ୱପ୍ନକୁ ରାଜନୈତିକ ହିସାବର ଶିକାର କରାଯିବା ଉଚିତ ନୁହେଁ । ଆମକୁ ଏମିତି ଭାରତ ଦରକାର ଯେଉଁଠି ଜଣେ ଯୁବକ ଚାକିରି ପାଇଁ ନିଜ ପରିଚୟରୁ ଅଧିକ ନିଜ ଯୋଗ୍ୟତା ଉପରେ ଭରସା କରିପାରିବେ, ଏବଂ ଯେଉଁଠି ଯେଉଁମାନେ ଐତିହାସିକ ଅନ୍ୟାୟର ଶିକାର ହୋଇଛନ୍ତି ସେମାନଙ୍କୁ ମଧ୍ୟ ସମାନ ମର୍ଯ୍ୟାଦା ଓ ଆଗକୁ ବଢ଼ିବାର ପ୍ରକୃତ ସୁଯୋଗ ମିଳିବ । ସେହିପାଇଁ ଆଜିର ଯୁବପିଢ଼ିର ଲଢେଇ "କିଏ ସଂରକ୍ଷଣ ପାଇବ" ଠାରୁ ବଡ଼ ହେବା ଦରକାର—"କାହିଁକି ଏତେ କମ୍ ସୁଯୋଗ ?" ଏହି ପ୍ରଶ୍ନ ହେଉ ଯୁବ ସ୍ୱରର କେନ୍ଦ୍ରବିନ୍ଦୁ । ଚାକିରି ବଢ଼ାନ୍ତୁ, ଶିକ୍ଷା ସମାନ କରନ୍ତୁ, କୌଶଳ ବଢ଼ାନ୍ତୁ, ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ କରନ୍ତୁ—ତାହାହେଲେ ହିଁ ଯୁବପିଢ଼ିର ଅସନ୍ତୋଷ ଆଶାରେ ପରିଣତ ହେବ । ଯୁବକଙ୍କୁ ଆଉ ଭାଗ କରନ୍ତୁ ନାହିଁ; ତାଙ୍କୁ ସୁଯୋଗ ଦିଅନ୍ତୁ । କାରଣ ଭାରତର ଭବିଷ୍ୟତ ଯୁବଙ୍କ ହାତରେ, ଏବଂ ସେହି ହାତକୁ ଲଢେଇ ନୁହେଁ—ସୁଯୋଗ, ଶିକ୍ଷା, କୌଶଳ ଓ ସମ୍ମାନ ଦରକାର ।

# ଆଜିର ଆବଶ୍ୟକତା ବିଜ୍ଞାନ ଭିତ୍ତିକ ଶିଶୁ ଯତ୍ନ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଶିଶୁଙ୍କର ଯତ୍ନ ନେବା ଏବଂ ସେମାନଙ୍କୁ ସୁସ୍ଥ ଓ ସୁଖୀ ଭାବେ ବଡ଼ କରିବା ଏକ ଆହ୍ୱାନପୂର୍ଣ୍ଣ କାମ । ତେବେ ଅନେକ ସମୟରେ ପିତାମାତା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଶିଶୁଙ୍କ ସ୍ୱାସ୍ଥ୍ୟକୁ ଅଜାଣତରେ କ୍ଷତିଗ୍ରସ୍ତ କରିଦିଅନ୍ତି । ଆମ ଦେଶରେ ଏପରି ଅନେକ ପାରମ୍ପରିକ ରୀତି ଓ ଅଭ୍ୟାସ ପ୍ରଚଳିତ, ଯାହା ବୈଜ୍ଞାନିକ ଚିନ୍ତାଧାରାର ବିପରୀତ ଏବଂ ଶିଶୁର ସମଗ୍ର ବିକାଶରେ ବାଧା ଦିଏ । ତେଣୁ ଆମକୁ ବିଜ୍ଞାନ ଭିତ୍ତିକ ଶିଶୁ ଯତ୍ନ ଶିକ୍ଷା ଗ୍ରହଣ କରିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

ଆମ ଦେଶରେ ଶିଶୁଯତ୍ନକୁ ନେଇ ଅନେକ ପାରମ୍ପରିକ ରୀତିନୀତି ରହିଛି ଯାହା ଦୃଢ଼ ସାମାଜିକ ଏବଂ ପାରିବାରିକ ସମ୍ପର୍କ ଗଠନ କରିବାରେ ସାହାଯ୍ୟ କରେ । ତେବେ ସେଥି ମଧ୍ୟରୁ କିଛି ଶିଶୁର ଶାରୀରିକ ଓ ମାନସିକ ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ସେଭଳି କିଛି ଅଭ୍ୟାସ ବାବଦରେ ଜାଣିବା ।

ପାରମ୍ପରିକ ଅଭ୍ୟାସ ସ୍ୱରୂପ ପ୍ରସବ ପରେ ପ୍ରସୂତୀଙ୍କ ଖାଦ୍ୟ ଉପରେ ଅନେକ କଟକଣା ଜାରି କରାଯାଇଥାଏ । ଯାହା କୁପୋଷଣ ଓ ଅପପୁଷ୍ଟିର ପ୍ରମୁଖ କାରଣ ଭାବରେ ଚିହ୍ନଟ କରାଯାଇଛି । ଅନେକ ପିତାମାତା ଶିଶୁର ଖେଳ ଆଧାରିତ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ବାଦ ଦେଇ ପ୍ରାରମ୍ଭିକ ସ୍ତରରୁ ପରୀକ୍ଷାରେ ସଫଳତା ଏବଂ ଘୋଷିବା ମାଧ୍ୟମରେ ତଥ୍ୟ ମନେ ରଖିବା ଉପରେ ଧ୍ୟାନ ଦେଇଥାନ୍ତି । କିନ୍ତୁ ଗବେଷଣାରୁ ପ୍ରମାଣିତ ହୋଇଛି ଯେ ଖେଳ ଆଧାରିତ ଓ ପୂର୍ଣ୍ଣାଙ୍ଗ ଶିକ୍ଷା ଉପରେ ଗୁରୁତ୍ୱ ସେମାନଙ୍କ ଠାରେ ତାର୍କିକ ଚିନ୍ତନ ଏବଂ ସମସ୍ୟା ସମାଧାନ ଦକ୍ଷତା ବିକାଶ କରିଥାଏ । ନବଜାତ ଶିଶୁଙ୍କ ଯତ୍ନ ନିମନ୍ତେ ନାକରେ ତେଲ ଲଗାଇବା, ରୋଗ ପ୍ରତିରୋଧକ ଶକ୍ତି ପାଇଁ ଶିଶୁକୁ ମହୁ ପିଆଇବା, ଦୃଷ୍ଟି ଶକ୍ତି ଉନ୍ନତ କରିବା ପାଇଁ ଆଖିରେ କଜଳ ଲଗାଇବା, ମା'ଅସୁସ୍ଥ କିମ୍ବା ଜ୍ୱରାକ୍ରାନ୍ତ ଥିଲେ ସ୍ତନ୍ୟପାନ ବନ୍ଦ କରାଇବା, ଡିହାଇଡ୍ରେସନ ପାଇଁ ପାଣି ବଦଳରେ ଗ୍ଲୁକନ-ଡି, ଓଆରଏସ କିମ୍ବା ଏନର୍ଜି ଡ୍ରିଙ୍କ ଦେବା, ହାକୁଟି ବନ୍ଦ ହେବା ପାଇଁ ପେଟରେ ମୁଦ୍ରା, ଗରମ ଚାମଚ କିମ୍ବା ଷ୍ଟିଲ ପାତ୍ର ରଖିବା, କାଶ ଥଣ୍ଡା ହୋଇଥିବା ପିଲାଙ୍କୁ ଅଣ୍ଡା, ମାଛ କିମ୍ବା ମାଂସ ନ ଦେବା, ପିଲାଙ୍କ ପାଇଁ ଘୁଟି, ଜନ୍ମ ଘୁଟି କିମ୍ବା ଘରୋଇ ଟନିକକୁ ନିରାପଦ ବିଚାରିବା ପରି କିଛି ପୁରୁଣା ପଦ୍ଧତି ପିଢ଼ି ପରେ ପିଢ଼ି ଅନୁସୃତ ହେଉଛି । ମାତ୍ର ସେଗୁଡ଼ିକ ସ୍ୱାସ୍ଥ୍ୟ ସମସ୍ରା ସୃଷ୍ଟି କରିପାରେ ବୋଲି ଶିଶୁ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ।

ଅପରପକ୍ଷେ, ବିଜ୍ଞାନ ଭିତ୍ତିକ ଶିଶୁ ଯତ୍ନ ଶିଶୁ ବିକାଶର ଉପଯୁକ୍ତ ଅଭ୍ୟାସକୁ ଉତ୍ସାହିତ କରେ, ଯାହା ପିଲାର ଜ୍ଞାନାତ୍ମକ, ସାମାଜିକ ଓ ଆବେଗିକ ବିକାଶ ପାଇଁ ଜରୁରୀ । ସେଥି ମଧ୍ୟରେ ଖେଳ ଭିତ୍ତିକ ଶିକ୍ଷା, କେବଳ ଶିକ୍ଷାଗତ ସଫଳତା ଉପରେ ଧ୍ୟାନ ଦେବା ପରିବର୍ତ୍ତେ ପିଲାର ଶାରୀରିକ, ଆବେଗିକ, ବୌଦ୍ଧିକ ଓ ସାମାଜିକ ଦିଗକୁ ବିକଶିତ କରିବା, ଅଭିଭାବକ ଏବଂ ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ଶିଶୁ ସ୍ୱାସ୍ଥ୍ୟ ଓ ପୁଷ୍ଟି ବାବଦରେ ସୂଚନା ଦେବା ସମେତ ବିକାଶରେ ବିଳମ୍ବ ଓ ଅଭାବକୁ ଚିହ୍ନଟ କରି ସେଗୁଡ଼ିକର ତ୍ୱରିତ ସମାଧାନ ଅନ୍ତର୍ଭୁକ୍ତ ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**

# 'ଆତ୍ମକୃତ କର୍ମଫଳ, ଯାଚିଦେବେ ହରି'

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ସକାଳେ ଶଯ୍ୟାତ୍ୟାଗ ଠାରୁ ରାତିରେ ନିଦ୍ରା ଯିବା ପର୍ଯ୍ୟନ୍ତ ପରିବାର ଓ ସମାଜରେ ଆମେ ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସିଥାଉ । ବିଭିନ୍ନ କାର୍ଯ୍ୟରେ ଭାବର ଆଦାନପ୍ରଦାନ ହୋଇଥାଏ । କିନ୍ତୁ ବେଳେ ବେଳେ ଆମେ ଜାଣତରେ ହେଉ ବା ଅଜାଣତରେ ଏଭଳି କିଛି କହିଦେଉ, ଯାହା ସଂପୃକ୍ତ ବ୍ୟକ୍ତିଙ୍କ ସହିତ ଆମର ସଂପର୍କକୁ ତିକ୍ତ କରି ନଥାଏ ବରଂ ପରବର୍ତ୍ତୀ ସମୟରେ ଆମକୁ ଗ୍ଲାନି ବୋଧ କରାଇଥାଏ । କାରଣ ମୁହଁରୁ ଥରେ କଥା ବାହାରି ଗଲେ ତାହା ଫେରିପାରେ ନାହିଁ । ତେଣୁ ନିତିଦିନିଆ ଜୀବନରେ ଏଭଳି ଅପ୍ରୀତିକର ସ୍ଥିତିରୁ ମୁକୁଳିବା ପାଇଁ ବାଟ ହେଲା ସର୍ବଦା ମଧୁର ବଚନ ବ୍ୟବହାର କରିବା ।

ଜୀବନ ହେଉଛି ଈଶ୍ୱରଙ୍କ ବ୍ୟକ୍ତରୂପ । ଜୀବନ ଆନନ୍ଦ, ଜୀବନ ହେଉଛି ଆତ୍ମାନନ୍ଦର ପ୍ଲାବନ । ଜୀବନ ହେଉଛି ଚେତନାର ସ୍ରୋତ । ସେବା ଓ ଉତ୍ସର୍ଗ ହିଁ ଜୀବନ । ମଧୁର ସମ୍ପର୍କ ହିଁ ଜୀବନ । ଆମେ କେଉଁଠାରୁ ଆସିଥାଉ ସେଠାକୁ ଫେରିଯିବା ଏହା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ । ନଦୀ ଯେପରି ତାର ଜଳର ଅନ୍ତିମ ଉତ୍ପତ୍ତି ସ୍ଥଳ ସାଗର ସହିତ ସଂଯୁକ୍ତ ହେବାକୁ ଅବିଶ୍ରାନ୍ତ ଗତିରେ ଧାବମାନ, ଅଗ୍ନି ଯେପରି ଅସ୍ଥିର ଶିଖା ବିସ୍ତାର କରି ତାର ମୌଳିକ ତତ୍ତ୍ୱରେ ବିମିଶ୍ରିତ ହୋଇଯିବାକୁ ପ୍ରଜ୍ଜ୍ୱଳିତ ଆମକୁ ଠିକ ସେହିପରି କଳିଯୁଗର ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ କୃପା ଲାଭ କରିବା ପାଇଁ ଏ ଧରାପୃଷ୍ଠରେ ଅବିଶାନ୍ତ ଭାବରେ ଉଦ୍ୟମଶୀଳ ହେବାକୁ ପଡ଼ିବ । ସାଂସାରିକ ଜୀବନ ଆଦୌ ପ୍ରକୃତ ଜୀବନ ନୁହଁ । ଏ ଜୀବନ ମିଥ୍ୟା ଓ କ୍ଷଣ ସ୍ଥାୟୀ । ସାଂସାରିକ ଅନୁଭୂତିର କୌଣସି ମୂଲ୍ୟନାହିଁ, କୌଣସି ବାସ୍ତବତା ନାହିଁ । ଏକ ମାତ୍ର ଯୁଗପୁରୁଷୋତ୍ତମ ହିଁ ବାସ୍ତବ ସତ୍ୟ ।

କଥାରେ ଅଛି ବିନୟ ମଧୁର ବଚନ, କହି ତୋଷିବ ଜନମନ । ଆମେ ମିଷ୍ଟ ଭାଷାରେ ସ୍ପଷ୍ଟ କଥା କହିବା ଉଚିତ । ଏହାଦ୍ୱାରା କାର୍ଯ୍ୟ ହାସଲ ତ ହୋଇଥାଏ ତା ସହ ସଂପର୍କ ବି ଭଲ ରହେ । ଏଥିରୁ ଆମକୁ ଦିବ୍ୟ ସନ୍ତୋଷ ମିଳିବା ସହିତ ଆମର ସାମାଜିକ ସମ୍ପର୍କରେ ମାଧୁର୍ଯ୍ୟ ଆସିଥାଏ । ଅନେକ ଭାବନ୍ତି ସ୍ପଷ୍ଟବାଦୀ ହେବା ପାଇଁ ସର୍ବଦା କଡ଼ାକଥା କହିବାକୁ ହୋଇଥାଏ । ଏହି ଧାରଣା ଭୁଲ । ସ୍ପଷ୍ଟବାଦୀ ହେବା ସହ ମିଷ୍ଟଭାଷୀ ହେବା ବିଧେୟ । ଏହାଦ୍ୱାରା ଜୀବନ ନିଖୁଣ, ପୂର୍ଣ୍ଣାଙ୍ଗ ଓ ନୈତିକପୂର୍ଣ୍ଣ ହେବ । ତେବେ ଯାଇ ସମସ୍ତେ ଜୀବନର ଅମୃତ ଉପଲବ୍ଧି କରିପାରିବେ । ଏହି ମର୍ମରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ପଂକ୍ତିଟି ମନେପଡୁଛି – 'ବର୍ତ୍ତମାନ କର୍ମଫଳ ଲାଭ ଭବିଷ୍ୟତେ, ଏହି କଥା କର ଯେବେ ହୃଦୟେ ପରତେ, ପବିତ୍ର ମନରେ କାର୍ଯ୍ୟ କର ସେହିପରି, ଆତ୍ମକୃତ କର୍ମଫଳ ଯାଚିଦେବେ ହରି । ଜୀବନ ସୁଖଦୁଃଖ ଦାତା କର୍ମଫଳ, ବିନାଶକ, ରକ୍ଷାକାରୀ, ସହାୟ ସମ୍ବଳ, କର୍ମଫଳ ପ୍ରଭାବରେ ଜୀବନର ଗତି, ବିଧିଦ୍ୱାରା ନଷ୍ଟ ହୁଏ ନାହିଁ ତାର ଶକ୍ତି ।'

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଖୁଦୁରୁକୁଣୀ ଓଷା

**ଜ୍ୟୋତ୍ସ୍ନା ମହାପାତ୍ର**

''ପ୍ରଥମ ଜମ୍ବୁଦ୍ୱୀପେ ସାର ବେଢ଼ିଛି ଲବଣ ସାଗର,
ତହିଁରେ ରାଜା ତାଳଧ୍ୱଜ ବହୁତ ଆୟତନ ରାଜ୍ୟ
ବହୁତ ସାଧବ ଅଛନ୍ତି ବୋଇତ ବାଣିଜ୍ୟ କରନ୍ତି
ତହିଁରେ ଏକ ସାଧବର ତନୟବନ୍ତ ନାମ ତା'ର
ଝିଅର ନାମ ତଅପୋଇ ସବୁହୁଁ ଦୁଲଣା ଅଟଇ ।''

ସ୍ୱର୍ଗତ ଗୋପୀନାଥ ଦାସ ବିରଚିତ 'ତଅପୋଇ ଓଷା'ରେ ବର୍ଣ୍ଣିତ ସାଧବ ଝିଅ ତଅପୋଇ କାହାଣୀ ଭାଇମାନଙ୍କ ଶୁଭ ସଂକଳ୍ପର ଏକ ସଂସ୍କୃତି । ଭାଦ୍ରବ ମାସର ପ୍ରଥମ ରବିବାରଠାରୁ ପାଞ୍ଚ ରବିବର ଧରି ପାଳିତ ହେଉଥିବା ଏହି ଓଷା ସହିତ ଉତ୍କଳୀୟ ସଂସ୍କୃତିର ବହୁଳ ସମ୍ପର୍କ ରହିଛି । ଓଡ଼ିଆ ଜାତି ଯେ ଦିନେ ଦେଶ ବିଦେଶ ସହିତ ନୌବାଣିଜ୍ୟ କରି ସମୃଦ୍ଧଶାଳୀ ହୋଇଥିଲା, କୁମାରୀମାନେ ପାଳନ କରୁଥିବା ଏହି ପର୍ବ ତାହାରି ସ୍ମୃତି ବହନ କରେ ।

ଭାଦ୍ରବ ମାସର ପ୍ରଥମ ରବିବାରରୁ ଆରମ୍ଭ ହୋଇଛି କୁମାରୀମାନଙ୍କ ପର୍ବ ଖୁଦୁରୁକୁଣୀ ଓଷା । ଭାଦ୍ରବ ମାସର ପ୍ରତି ରବିବାର କୁମାରୀମାନେ ଭାଇଙ୍କ ଶୁଭ ମନାସୀ ମା' ମଙ୍ଗଳାଙ୍କ ନିକଟରେ ପୂଜା କରନ୍ତି ଏବଂ ଶେଷ ରବିବାର ଓଷାର ଉଦ୍‌ଯାପନ ଆଡ଼ମ୍ବର ସହକାରେ ହୋଇଥାଏ । ଏହି ଓଷା ସହ ସାଧବ ଝିଅ ତଅପୋଇ ଏବଂ ସାତ ଭାଇଙ୍କ କାହାଣୀ ଜଡ଼ିତ ହୋଇଥିବାରୁ ଏହାକୁ ତଅପୋଇ ଓଷା ଓ ଭାଲୁକୁଣୀ ଓଷା ମଧ୍ୟ କୁହାଯାଇଥାଏ । ଓଡ଼ିଆ ଜାତି ଯେ ଦିନେ ବିଦେଶ ସହ ନୌବାଣିଜ୍ୟ କରି ଦେଶକୁ ସମୃଦ୍ଧ କରିଥିଲା ତାହା ଏହି ଖୁଦୁରୁକୁଣୀ ଓଷା ମାହାତ୍ମ୍ୟରୁ ଜଣାଯାଏ ।

ଏହି ଓଷା କୁମାରୀମାନଙ୍କ ମଧ୍ୟରେ ଗୋଷ୍ଠୀ କାର୍ଯ୍ୟକଳାପକୁ ମଧ୍ୟ ଉତ୍ସାହିତ କରେ । କାରଣ ରବିବାର ବଡ଼ି ଭୋରରୁ ଝିଅମାନେ ଏକାଠି ହୋଇ ଫୁଲ ତୋଳିବାକୁ ଯାଆନ୍ତି, ଏକାଠି ବସି ଫୁଲର ସୁନ୍ଦର ସୁନ୍ଦର ହାର ଗୁନ୍ଥନ୍ତି । ଏକାଠି ମିଶି ନଦୀ ବା ପୋଖରୀକୁ ଗାଧୋଇ ଯାଆନ୍ତି ଏବଂ ପୋଖରୀ କୂଳରେ ବାଲିର ମନ୍ଦିର କରି ପୂଜା କରନ୍ତି । ପୁଣି ସନ୍ଧ୍ୟାରେ ସମସ୍ତେ ଏକାଠି ବସି 'ଖୁଦୁରୁକୁଣୀ ଓଷା' ବହି ପଢ଼ି ମା' ମଙ୍ଗଳାଙ୍କୁ ପୂଜା କରନ୍ତି ଏବଂ ପରସ୍ପର ମଧ୍ୟରେ ଭୋଗ ବାଣ୍ଟନ୍ତି । ପିଲାବେଳୁ ଅତି ଆଗ୍ରହର ସହିତ ଖୁଦୁରୁକୁଣୀ ବ୍ରତ ପାଳନ କରୁଥିଲି । ଏବେ ଆମ ପିଲାମାନେ ଯେତେବେଳେ ଏହି ଓଷା ପାଳନ କରୁଛନ୍ତି ସେତେବେଳେ ମୋ ପିଲାଦିନର କଥା ସବୁ ମନେପଡ଼ିଯାଏ । କୁମାରୀମାନଙ୍କ ମଧ୍ୟରେ ଧର୍ମଭାବନା ଜାଗ୍ରତ କରିବା ଏହି ଓଷାର ଆଉ ଏକ ଲକ୍ଷ୍ୟ ।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧
ର-ଙ୍କବସକ୍ଷ :
ବଭଷସଗ୍ବରଳଙ୍କକ୍ବଷବକ୍ତବଗ୍ବକ୍ବ୧୯୯୯ଅଶଙ୍କବସକ୍ଷ.ମକ୍ଟଙ୍କ

# ସମ୍ଭବାମି ଯୁଗେ ଯୁଗେ

**ଅନୀତା ପଟ୍ଟନାୟକ**

ଅବତାର ମନୁଷ୍ୟକୁ ତାର ନିଜତ୍ୱ ଦେଖାଇବାକୁ ଓ ତାର ଜନ୍ମଗତ ଅଧିକାର ଆତ୍ମାନନ୍ଦକୁ ଫେରାଇ ଆଣିବାକୁ ଧରାପୃଷ୍ଠରେ ବାରମ୍ବାର ଜନ୍ମଗ୍ରହଣ କରନ୍ତି । ତାଙ୍କୁ ବାରମ୍ବାର ଏ ପୃଥିବୀରେ ଜନ୍ମଗ୍ରହଣ କରିବାକୁ ପଡ଼ିଥାଏ । ସେଥିପାଇଁ ସେ ଗୀତାରେ ଉଦଘୋଷଣ କରିଛନ୍ତି 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ' ।

ମନୁଷ୍ୟ କିନ୍ତୁ ନିଜ ମନ ଦ୍ୱାରା ନିର୍ବିକଳ୍ପ ଓ ନିର୍ଗୁଣ ତତ୍ତ୍ୱକୁ ବୁଝିପାରି ନଥାଏ । କାରଣ ଭଗବାନଙ୍କର କଥା ମନୁଷ୍ୟର ବାକ ମନ ଓ ବୁଦ୍ଧିର ଉର୍ଦ୍ଧ୍ୱରେ ହୋଇଥାଏ । ସେହିପରି ଅବତାର ଥିଲେ ଗୋପାଳ ନନ୍ଦନ ଶ୍ରୀକୃଷ୍ଣ । ଶାସ୍ତ୍ରରେ ଲେଖାଯାଇଛି ଶ୍ରୀକୃଷ୍ଣ ଥିଲେ ଷୋଳକଳାପୂର୍ଣ୍ଣ । ସେହି ଷୋଳକଳା ଗୁଡ଼ିକ ହେଉଛି ଧନ, ବଳ, ବୁଦ୍ଧି, ଯୌବନ, ଉଚ୍ଚଶିକ୍ଷା, ପଦ, ବଂଶ, ସୌନ୍ଦର୍ଯ୍ୟ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ରଜ, ତମ । ମନୁଷ୍ୟ ନିକଟରେ ଏହି ସବୁ ଗୁଣ ଗୁଡ଼ିକ ପରିଲକ୍ଷିତ ହୋଇଥାଏ । ସେଥିପାଇଁ ସେ କହିଥାନ୍ତି ମୁଁ ତୁମର ଓ ତୁମେ ମୋର । ଏହି ଷୋଳ କଳାର ଉତ୍ତମ ପରିଚାଳନାର ଶିକ୍ଷା ଦେବାପାଇଁ ଭଗବାନଙ୍କୁ ଅବତାର ଗ୍ରହଣ କରିବା ପାଇଁ ପଡ଼ିଥାଏ । ଏହାର ଏକ ଉଦହାରଣ ଦିଆଯାଇପାରେ । ଯଥା ସୌଜନ୍ୟ ପ୍ରଧାନ ନୀତି ହେଲେ ଈର୍ଷାର ସ୍ଥାନ ଜଗତରେ ରହିବ ନାହିଁ । କିନ୍ତୁ ପ୍ରକୃତ କଥା ହେଉଛି ଭଗବାନ ଯେତେବେଳେ ଅବତାରତ୍ୱ ଗ୍ରହଣ କରନ୍ତି ସେ ଆମ କଥା ଶୁଣନ୍ତି ଆମେ ଭଗବାନଙ୍କ କଥା ଶୁଣୁନା ।

କୃଷ୍ଣ ଅବତାରତ୍ୱ ଗ୍ରହଣ କରିଥିବା ସମୟରେ ଆମର ମନକୁ ସୀମାହୀନତାର ପାଠ ପଢ଼ାଇଥିଲେ । ତାଙ୍କର ମନ ଥିଲା ସୀମାପାର । ଏହାକୁ ହିରଣ୍ୟଗର୍ଭ ବା ବ୍ରହ୍ମରେ ଲୀନ କୁହାଯାଏ । ସେହିପରି ତାଙ୍କ ଶରୀରର ଅସୀମତ୍ୱ ଧାରଣ କରି ଦେଖା ଦେଇଥିଲେ ସେ ବିରାଟ ସ୍ୱରୂପ ଶାସ୍ତ୍ରଙ୍କ କୁହନ୍ତି ସେ ଥିଲେ ସୀମାହୀନ ଆଲୋକ ତେଣୁ ସେ ପରମ ଜ୍ୟୋତି । ସେ ମାନବ ସମାଜକୁ ଦେଖାଇଥିଲେ, ଯେଉଁ ସଂସ୍କାରକୁ ନେଇ ତୁମେ ଆନ୍ଦୋଳିତ ତାହା କ'ଣ ? ବ୍ରହ୍ମ ମାୟା ହେଉଛି ଏ ସଂସାର । ତୁମେମାନେ ହେଉଛ ଜୀବ, ଏହାକୁ ବୁଝାଇବାକୁ ଯାଇ କହିଥିଲେ ବ୍ରହ୍ମ + ଅବିଦ୍ୟା = ଜୀବ । ଜୀବନ ଓ କାମନାର ମିଶ୍ରଣର ସୃଷ୍ଟି ହେଉଛି ମାନବ । ଜୀବନ ବିଯୁକ୍ତ କାମନା ହେଉଛି ମାଧବ । କୃଷ୍ଣ ଅବତାରତ୍ୱ ସମ୍ପର୍କରେ କୁବଜୀକୁ ଏକ ସୁନ୍ଦର ନାରୀରେ ପରିଣତ କରି ପ୍ରମାଣ କରିଦେଇଥିଲେ ରୂପ ପାଇବାରେ ମଣିଷର ନିୟନ୍ତ୍ରଣ ନଥାଏ । ଏହା ଭଗବାନଙ୍କ ଦ୍ୱାରା ପ୍ରଦତ୍ତ । କିନ୍ତୁ ଗୁଣ ଗୁଡ଼ିକ ଉପରେ ମଣିଷର ନିୟନ୍ତ୍ରଣ ଥାଏ କିନ୍ତୁ ମଣିଷ ତାହା ଉପରେ ନିୟନ୍ତ୍ରଣ ନରଖି ଦୁଃଖ ଯନ୍ତ୍ରଣା ପାଇ ଥାଏ ।

ଯୁଦ୍ଧ ସମୟରେ ଦେବକୀନନ୍ଦନ ଅର୍ଜୁନଙ୍କୁ ବଝାଇ ଦେଇଥିଲେ ଗୀତାର ମୁଖ୍ୟ ଯୋଗ ଗୁଡ଼ିକୁ ବୁଝିବାର ଉପାୟ । ଯଥା ପ୍ରେମ+ହସ୍ତ = କର୍ମଯୋଗ । ପ୍ରେମ + ହୃଦୟ = ଭକ୍ତିଯୋଗ । ପ୍ରେମ + ମସ୍ତିଷ୍କ = ଜ୍ଞାନଯୋଗ । ଅର୍ଜୁନଙ୍କୁ ବିରାଟ ସ୍ୱରୂପ ଦେଖାଇ ବୁଝାଇ ଦେଇଥିଲେ କେହି ମରେ ନାହିଁ କି କେହି ମାରି ପାରେ ନାହିଁ । ଆମେ ପ୍ରତ୍ୟେକ ତାଙ୍କ ହାତରେ କଣ୍ଢେଇ । ଭଗବାନଙ୍କର ଅଦେଶକୁ ପାଳନ କରିବାକୁ ପାପ କୁହାଯାଏ । ଭଗବାନ ଆମ ମଧ୍ୟରେ ବିବେକ ରୂପରେ ବିଦ୍ୟମାନ । ବିବେକର କଥା ନଶୁଣିବା ହିଁ ପାପ । ମହାଭାରତ ଯୁଦ୍ଧରେ ସେ ପ୍ରମାଣ କରି ଦେଇଥିଲେ ପ୍ରସାରଣ ହେଉଛି ପ୍ରେମ । ସଂକୋଚନ ହେଉଛି ମୃତ୍ୟୁ । କୌରବମାନେ ତାଙ୍କର ସଂକୋଚନ ମନୋଭାବ ହେତୁ ମୃତ୍ୟୁବରଣ କରିଥିଲେ । ଶ୍ରୀକୃଷ୍ଣଙ୍କର ନାମ କଥାକୁ ବିଚାର କଲେ ନାମର ତାତ୍ପର୍ଯ୍ୟ ଜଣାପଡ଼ିଥାଏ । କୃଷ୍ଣ ଧାତୁର ନିଷ୍ପନ୍ନ ଏହାର ଅର୍ଥ ଆକର୍ଷଣ, କର୍ଷଣ ବା ହଳ କରିବା, ଦେଶ, କାଳ, ସମୟ ଓ କାରଣ ଉର୍ଦ୍ଧ୍ୱର ଦିବ୍ୟତ୍ୱ । କୃଷ୍ଣ କେବଳ ସାଧକ, ସନ୍ଥ ଓ ଋଷିମାନଙ୍କୁ ନୁହେଁ ବରଂ ସରଳ ନିରୀହ ଉତ୍ତମଜନଙ୍କୁ ଆକର୍ଷିତ କରିଥାନ୍ତି । ସେ କୌତୁହଳୀ ନିନ୍ଦୁକ, ସମାଲୋଚକ ନାସ୍ତିକ ମାନଙ୍କୁ ମଧ୍ୟ ଆକର୍ଷିତ କରିଥାନ୍ତି । କୃଷ୍ଣ ତାଙ୍କର କମନୀୟ ରୂପ, ଅଜୟ ଦୃଷ୍ଟି, ବଂଶୀର ସ୍ୱର ଓ ଉପଦେଶ ମାଧ୍ୟମରେ ନିର୍ଭୀକ ବୀରତ୍ୱ ମନୋଭାବ ଦେଖାଇ ସମସ୍ତଙ୍କୁ ଆକର୍ଷିତ କରିଥାନ୍ତି । ସେ ବୃନ୍ଦାବନର ଶାନ୍ତି ପରିବେଶରେ ଗୋଚର ଭୂମିରେ ଓ କୁରୁକ୍ଷେତ୍ରର ରକ୍ତାକ୍ତ ଯୁଦ୍ଧକ୍ଷେତ୍ରରେ ରକ୍ତନଦୀ ନିକଟରେ ବଂଶୀର ଧ୍ୱନୀରେ ସ୍ୱର ରଚନା କରିଥିଲେ । କି ଅପୂର୍ବ । ଗୋଟିଏ ହାତରେ ବଂଶୀ ଓ ଗୋଟିଏ ହାତରେ ଘୋଡ଼ାର ଲଗାମ ମୁଖରୁ କିନ୍ତୁ ନିସୃତ ଅଭିଭୂତକାରୀ ସଙ୍ଗୀତ ତୁମେ ଯାହାକୁ ବେଣୁମାନ କୁହ ବା ଭଗବତଗୀତା । ଗାନ ଓ ଗୀତା ଉଭୟର ଅର୍ଥ ଗୀତା । ସେ ଆମର ହୃଦୟକୁ ଆକର୍ଷଣ କରି କୃପାବୃଷ୍ଟି କରନ୍ତି । ପ୍ରେମର ବୀଜକୁ ବପନ କରନ୍ତି । ଆନନ୍ଦର ଶିଷ୍ୟକୁ ନଷ୍ଟ କରୁଥିବା ଅସତ୍ ଚିନ୍ତାକୁ ଫୋପାଡ଼ି ଦିଅନ୍ତି । ମଣିଷର ଜ୍ଞାନ ସ୍ୱୟଂ କୃଷ୍ଣଙ୍କ ଠାରେ ପୂର୍ଣ୍ଣତା ହାସଲ କରେ କାରଣ ସେ ହେଉଛନ୍ତି ଶୁଦ୍ଧ ସାରତତ୍ତ୍ୱ, ପରମତତ୍ତ୍ୱ, ସଚ୍ଚିଦାନନ୍ଦ । ଆଜି ଜନ୍ମାଷ୍ଟମୀ ତିଥିରେ ଚାଲନ୍ତୁ ତାଙ୍କୁ ପ୍ରଣାମ କରିବା ।

ଅବସର ପ୍ରାପ୍ତ ପ୍ରଧାପିକା, ସିଡ଼ିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬



# ଗୌତମ ଆଦାନୀଙ୍କ ଦେଶବ୍ୟାପୀ ନବସୃଜନ ଅଭିଯାନ 'ବନ୍ଦେ ଭାରତମ' ଏନଡିଟିଭି ଚ୍ୟାନେଲରେ ପ୍ରସାରିତ

**ଭୁବନେଶ୍ୱର, ୩୧।୮ (ନି.ପ୍ର) :** ଭାରତର ତୃଣମୂଳ ନବସୃଜନକାରୀ ଓ ଉଦ୍ୟୋଗୀମାନଙ୍କୁ ଅନ୍ୱେଷଣ ପାଇଁ ଆରମ୍ଭ ହୋଇଥିବା ଗୌତମ ଆଦାନୀଙ୍କ ଦେଶବ୍ୟାପୀ ଅଭିଯାନ 'ବନ୍ଦେ ଭାରତମ' ଅଗଷ୍ଟ ୨୯ରୁ ଟିଭି ପରଦାରେ ପ୍ରସାରଣ ଆରମ୍ଭ ହୋଇଛି। ଏନଡିଭିର ତିନିଟି ଚ୍ୟାନେଲ ଏନଡିଟିଭି ପ୍ରଫିଟ, ଏନଡିଭି (ଇଂରାଜୀ) ଓ ଏନଡିଟିଭି ଇଣ୍ଡିଆରେ ଏହାର ପ୍ରସାରଣ କରାଯିବ। ଫଳରେ ଭାରତର ସବୁଠୁ ପ୍ରେରଣାଦାୟୀ ଉଦ୍ୟମିତା କାହାଣୀ ଲୋକଙ୍କ ଘରେ ଘରେ ପହଂଚିପାରିବ।



ଏହି ଅଭିଯାନର ୪୫ ମିନିଟ ଅବଧିର ପ୍ରାରମ୍ଭିକ ଅଧ୍ୟାୟ ଅଗଷ୍ଟ ୨୯ରେ ସନ୍ଧ୍ୟା ୭ଟା ୩୦ ମିନିଟରେ ଏନଡିଟିଭି ପ୍ରଫିଟ, ସନ୍ଧ୍ୟା ୭ଟାରେ ଏନଡିଟିଭି (ଇଂରାଜୀ) ଓ ରାତି ୧୦ଟାରେ ଏନଡିଟିଭି ଇଣ୍ଡିଆରେ ପ୍ରସାରଣ ଆରମ୍ଭ ହୋଇଛି ଏବଂ ସେହିଦିନର ରାତିରେ ଓ ପରଦିନ ତାହା ସେହି ସମସ୍ତ ତିନି ଚ୍ୟାନେଲରେ ପୁନଃ ପ୍ରସାରିତ ହେବ। ପରବର୍ତ୍ତୀ ଅଧ୍ୟାୟଗୁଡ଼ିକର ଅବଧି ୨୫ ମିନିଟ ଲେଖାଏଁ ରହିବ। ଗ୍ରାଣ୍ଡ ଫିନାଲେ ସ୍ୱତନ୍ତ୍ର ଅଧ୍ୟାୟକୁ ସେପ୍ଟେମ୍ବର ୧୭ରେ ପ୍ରସାରଣ କରାଯିବ। ଏହି ସୋ'କୁ ପରିଚାଳନାରେ ବିଶିଷ୍ଟ ଟେଲିଭିଜନ ଉପସ୍ଥାପକ ତଥା ଆମ୍ବାସଡର ରାଜୀବ ଖଣ୍ଡେଲୱାଲ ରହିଛନ୍ତି । ଟେଲିଭିଜନ, ସିନେମା ଓ ଡିଜିଟାଲ ପ୍ଲାଟଫର୍ମରେ କାମ ପାଇଁ ପରିଚିତ ଶ୍ରୀ ଖଣ୍ଡେଲୱାଲଙ୍କ ସୋ' ମାଧ୍ୟମରେ ଲୋକଙ୍କ ସହ ଯୋଡ଼ିହେବା ଓ ତାହାକୁ ଉପସ୍ଥାପନ କରିବାର ଅଭିଜ୍ଞତା ରହିଛି। ଏହି ସୋ'ରେ ସେ ଦେଶର କୋଣଅନୁକୋଣ ଯଥା ଗ୍ରାମାଂଚଳ, ଛୋଟ ସହର, ଉଦୀୟମାନ ସହର ଓ ମେଟ୍ରୋ ସହରଗୁଡ଼ିକର ନବସୃଜନକାରୀଙ୍କ ବିଷୟରେ ଜଣାଇବେ। ଟେଲିଭିଜନରେ ପ୍ରସାରଣ ହେବା ଦ୍ୱାରା ବନ୍ଦେ ଭାରତମ ବ୍ୟାପକ ଭାବେ ଲୋକମାନଙ୍କ ପାଖରେ ପହଂଚିପାରିବ। ୨୦୨୬ ଜୁନ ୨୪ରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ଭାରତର ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ, ୮୦୦ ଜିଲ୍ଲା ଓ ୩୭ଟି ଦେଶରେ ବାସ କରୁଥିବା ଭାରତୀୟଙ୍କଠାରୁ ଆବେଦନ ହାସଲ କରିଥିଲା। ବିବିଧ ପର୍ଯ୍ୟାୟ ଦେଇ ଚୟନ କରାଯାଇଥିବା ଫାଇନାଲିଷ୍ଟମାନଙ୍କୁ ଅହମଦାବାଦ ଆମନ୍ତ୍ରଣ କରାଯାଇଥିଲା ଯେଉଁଠାରେ ସେମାନେ ମେଂଟରସିପ ଓ ଶିଳ୍ପ ସହ ଭାବବିନିମୟର ସୁଯୋଗ ପାଇଥିଲେ ଏବଂ ଗ୍ରାଣ୍ଡ ଫିନାଲେରେ ଗୌତମ ଆଦାନୀଙ୍କ ସହ ମଂଚରେ ରହିଥିଲେ।

ଏହି ଅବସରରେ ଆଦାନୀ ଗ୍ରୁପର ଅଧ୍ୟକ୍ଷ ଶ୍ରୀ ଗୌତମ ଆଦାନୀ କହିଛନ୍ତି ଯେ, 'ଆମେ ଯେତେବେଳେ ବନ୍ଦେ ଭାରତମ ଆରମ୍ଭ କରିଥିଲୁ ଭାରତରେ କେହି ଜାଣିନଥିବା ନବସୃଜନକାରୀ ଓ ଉଦ୍ୟୋଗୀଙ୍କୁ ସନ୍ଧାନ କରିବାକୁ ବାହାରିଥିଲୁ। ଏବେ ଟେଲିଭିଜନ ସେହି କାହାଣୀଗୁଡ଼ିକୁ ଦେଶର ପ୍ରତିଟି ଘରେ ପହଂଚାଇବା ପାଇଁ ଆମକୁ ସୁଯୋଗ ଦେଇଛି। ଏହା ସଫଳତାର ଏକ ସୋ' ନୁହେଁ, ଏହା ହେଉଛି ଏକ ସୋ' ଯାହା ଆରମ୍ଭ କରିବାର ସାହସକୁ ଦେଖାଇବ। ମୁଁ ଆଶା କରୁଛି ଯେ, ଲୋକମାନେ ଯେଉଁମାନଙ୍କୁ ଟିଭି ପରଦାରେ ଦେଖିବେ ସେମାନେ ସେମାନଙ୍କଠାରେ କିଛି ସ୍ୱତନ୍ତ୍ର ପାଇବେ ଏବଂ ମୁଁ ଆଶା କରୁଛି ଯେ, ଛୋଟ ସହର କିମ୍ବା ଗ୍ରାମାଂଚଳର ପ୍ରତି ଦର୍ଶକ ଜାଣିପାରିବେ ଯେ, ଭାରତକୁ ବଦଳାଇବାର ପରବର୍ତ୍ତୀ ଚିନ୍ତାଧାରା ସେମାନଙ୍କଠାରୁ ଆସିବ।

# ଏମଜି ମୋଟର ଇଣ୍ଡିଆ ପକ୍ଷରୁ ନୂଆ ଏମ୍‌ଜି ହେକ୍ଟର ଟୋମାହକ୍ ଉନ୍ମୋଚିତ

**ଭୁବନେଶ୍ୱର, ୩୧।୮ (ନି.ପ୍ର):** ଜେଏସଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ନୂଆ ହେକ୍ଟର ଟୋମାହକ୍‌ର ଉନ୍ମୋଚନ କରାଯାଇଛି, ଏହା ହେଉଛି କମ୍ପାନୀର ନୂତନ ଆଡ୍‌ଭାନ୍ସଡ ଡ୍ରାଇଭ ଆର୍କିଟେକ୍ଚର ପ୍ଲାଟଫର୍ମ ଟେକ୍ନୋଲୋଜି ଏବଂ ଭାରତର ପ୍ରଥମ ମଲ୍ଟି-ନ୍ୟୁ ଏନର୍ଜି ଭେଇକିଲ (ଏନଇଭି) ପ୍ଲାଟଫର୍ମ 'ଆଡାପ୍ଟ (ଏଡିଏପିଟି)' ଉପରେ ନିର୍ମିତ ପ୍ରଥମ ଉତ୍ପାଦ। ଏମଜି ହେକ୍ଟର ଟୋମାହକ୍‌କୁ ଉଭୟ ଇଲେକ୍ଟ୍ରିକ ଭେଇକିଲ (ଇଭି) ଏବଂ ପ୍ଲଗ୍-ଇନ ହାଇବ୍ରିଡ ଇଲେକ୍ଟ୍ରିକ ଭେଇକିଲ (ପିଏଚଇଭି) ପାୱାରଟ୍ରେନରେ ପ୍ରଦାନ କରାଯିବ। ଇଭି ପାଇଁ ୧୩.୯୯ ଲକ୍ଷ ଟଙ୍କା + ୪.୯୦ ଟଙ୍କା/କିମି ବ୍ୟାଟେରୀ ରେଂଟାଲ ଏବଂ ପିଏଚଇଭି ପାଇଁ ୨୧.୭୯ ଲକ୍ଷ ଟଙ୍କା + ୩.୨୦ ଟଙ୍କା/କିମି ବ୍ୟାଟେରୀ ରେଂଟାଲର ଏକ ପ୍ରାରମ୍ଭିକ ବ୍ୟାଟେରୀ ଆଜ୍ ଏ ସର୍ଭିସ (ବିଏଏସ) ମୂଲ୍ୟରୁ ଆରମ୍ଭ ହେଉଥିବା ହେକ୍ଟର ଟୋମାହକ୍ ଏମ୍‌ଜିର ଏନଇଭି ପୋର୍ଟଫୋଲିଓକୁ ବିସ୍ତାର କରିଛି। ଏମ୍‌ଜି ହେକ୍ଟର ଟୋମାହକ୍ ଇଭି ୬ଟି ଆକର୍ଷଣୀୟ ସିଙ୍ଗଲ ଟୋନ୍ କଲର: ପର୍ଲ ହ୍ୱାଇଟ, ଷ୍ଟାରୀ ବ୍ଲାକ୍, ଅରୋରା ସିଲ୍‌ଭର, ସେଲାଡନ ବ୍ଲୁ, ସ୍ୟାଡୋ ଗୋଲ୍ଡ ଓ ଖାକି ଗ୍ରୀନରେ ଉପଲବ୍ଧ ହେବ। ଏହାବ୍ୟତୀତ ଗ୍ରାହକମାନେ ଦୁଇଟି ଡୁଆଲ ଟୋନ ବିକଳ୍ପ: ସ୍ୟାଡୋ ଗୋଲ୍ଡ + ବ୍ଲାକ୍ ଏବଂ ଖାକି ଗ୍ରୀନ + ବ୍ଲାକ୍‌ରୁ ମଧ୍ୟ ଚୟନ କରିପାରିବେ। ହେକ୍ଟର ଟୋମାହକ୍ ପିଏଚଇଭି ପର୍ଲ ହ୍ୱାଇଟ, ଷ୍ଟାରୀ ବ୍ଲାକ୍, ଅରୋରା ସିଲ୍‌ଭର, ସେଲାଡନ ବ୍ଲୁ, ଟରକ୍ୱିସ ଗ୍ରୀନ ଓ ସ୍ୟାଡୋ ଗୋଲ୍ଡରେ ଏବଂ ଦୁଇଟି ଡୁଆଲ ଟୋନ କମ୍ବିନେଶନ: ଟରକ୍ୱିସ ଗ୍ରୀନ+ ହ୍ୱାଇଟ ଏବଂ ସେଲାଡନ ବ୍ଲୁ+ ହ୍ୱାଇଟରେ ଉପଲବ୍ଧ ହେବ। ହେକ୍ଟର ଟୋମାହକ୍ ଇଭି ଉଭୟ ୫- ଓ ୭-ସିଟର କନ୍‌ଫିଗରେଶନରେ ଉପଲବ୍ଧ ହେଉଥିବା ବେଳେ ପିଏଚଇଭି ସ୍ୱତନ୍ତ୍ର ଭାବେ ୭-ସିଟରରେ ଉପଲବ୍ଧ ହେବ।




ଏମଜି ହେକ୍ଟର ଟୋମାହକ୍ ଇଭି ଏବଂ ଏମ୍‌ଜି ହେକ୍ଟର ଟୋମାହକ୍ ପିଏଚଇଭି ପାଇଁ ବୁକିଂ ଏବେ ଭାରତବ୍ୟାପୀ ଏମ୍‌ଜି ଡିଲରସିପରେ ଏବଂ କମ୍ପାନୀର ୱେବସାଇଟରେ ଖୋଲା ରହିଛି। ଏମ୍‌ଜି ହେକ୍ଟର ଟୋମାହକ୍ ପିଏଚଇଭି ପାଇଁ ଟେଷ୍ଟ ଡ୍ରାଇଭ ଓ ଡେଲିଭରି ନଭେମ୍ବର ୨୦୨୬ରୁ ଆରମ୍ଭ ହେବ। ଏହି ଲଂଚ୍ ସମ୍ପର୍କରେ ଜେଏସଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆର ନିର୍ଦ୍ଦେଶକ ପାର୍ଥ ଜିନ୍ଦଲ କହିଛନ୍ତି, 'ହେକ୍ଟର ଟୋମାହକ୍ ଭାରତରେ ଏକ ସ୍ଥାୟୀ ମୋବିଲିଟି ଇକୋସିଷ୍ଟମ ନିର୍ମାଣ କରିବା ଦିଗରେ ଆମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାର ପ୍ରତିନିଧିତ୍ୱ କରୁଛି। ହେକ୍ଟର ଟୋମାହକ୍ ଇଭି ଏବଂ ଭାରତର ପ୍ରଥମ ପ୍ଲଗ୍ ଇନ୍ ହାଇବ୍ରିଡ ଇଲେକ୍ଟ୍ରିକ ଭେଇକିଲ (ପିଏଚଇଭି) ହେକ୍ଟର ଟୋମାହକ୍ ପିଏଚଇଭିର ଶୁଭାରମ୍ଭ, ବିକଶିତ ଗ୍ରାହକ ଆବଶ୍ୟକତା ଓ ଚାଳନା ଶୈଳୀକୁ ପୂରଣ କରୁଥିବା ନୂତନ ଯୁଗର ଯାତାୟତ ସମାଧାନର ଏକ ବିବିଧ ପୋର୍ଟଫୋଲିଓ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି।' ଜେଏସଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅନୁରାଗ ମେହରୋତ୍ରା କହିଛନ୍ତି, 'ନିକଟରେ ଆମେ ଆମର ପରବର୍ତୀ ପିଢ଼ିର ଉତ୍ପାଦଗୁଡ଼ିକ ପାଇଁ ମୂଳଦୁଆ ଭାବେ ଭାରତର ପ୍ରଥମ ମଲ୍ଟି-ନ୍ୟୁ ଏନର୍ଜି ଭେଇକିଲ ପ୍ଲାଟଫର୍ମ - ଏଡିଏପିଟିର ଶୁଭାରମ୍ଭ କରିଥିଲୁ । ଆଜି ହେକ୍ଟର ଟୋମାହକ୍ ସେହି ଦୃଷ୍ଟିକୋଣକୁ ଜୀବନ୍ତ କରିଥିବା ପ୍ରଥମ ଏସୟୁଭିରେ ପରିଣତ ହୋଇଛି। ଉଭୟ ଇଭି ଓ ପ୍ଲଗ୍-ଇନ ହାଇବ୍ରିଡ ଟେକ୍ନୋଲୋଜି ପ୍ରଦାନ କରି ଆମେ ସ୍ଥାୟୀ ଯାତାୟତକୁ ଗଣତାନ୍ତ୍ରିକ କରିବା ସହିତ ଭାରତୀୟ ଉପଭୋକ୍ତାଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରୁଛୁ।'

# ରେଟିନୋପାଥି ଅଫ୍ ପ୍ରିମାଚ୍ୟୁରିଟି (ଆରଓପି)କୁ ଅଣଦେଖା କରନ୍ତୁ ନାହିଁ

**ଭୁବନେଶ୍ୱର, ୩୧।୮ (ନି.ପ୍ର):** ରେଟିନୋପାଥି ଅଫ୍ ପ୍ରିମାଚ୍ୟୁରିଟି (ଆରଓପି) ହେଉଛି ଅପରିପକ୍ୱ ଅବସ୍ଥାରେ ଜନ୍ମିତ ଏବଂ କମ୍ ଓଜନ ବିଶିଷ୍ଟ ନବଜାତ ଶିଶୁମାନଙ୍କଠାରେ ଦୃଷ୍ଟିଶକ୍ତି ବାଧାପ୍ରାପ୍ତ କରୁଥିବା ଏକ ଜଟିଳ ସମସ୍ୟା। ଶୈଶବକାଳୀନ ଅନ୍ଧତ୍ୱର ଏହା ଏକ ପ୍ରମୁଖ କାରଣଯାହାକୁ ସଠିକ ସମୟରେ ପ୍ରତିରୋଧ କରାଯାଇପାରିବ। ଶିଶୁର ଆଖିରେ ଥିବା ରେଟିନାର ରକ୍ତବାହିକାଗୁଡ଼ିକର ଅସମ୍ପୂର୍ଣ୍ଣ ବିକାଶ ଯୋଗୁଁ ଏହି ରୋଗ ସୃଷ୍ଟି ହୋଇଥାଏ। ସାରା ଦେଶରେ ୧,୦୦୦ ରୁ ଅଧିକ ସ୍ପେଶାଲ ନ୍ୟୁବର୍ଣ୍ଣ କେୟାର ୟୁନିଟ୍ (ଏସଏନସିୟୁ) ନେଟୱର୍କ ପ୍ରତିଷ୍ଠା ହେବା ଫଳରେ ଅପରିପକ୍ୱ ଶିଶୁମାନଙ୍କ ବଞ୍ଚିବା ହାରରେ ବୃଦ୍ଧି ଘଟିଛି, ଯାହା ସହିତ ସମାନ ଅନୁପାତରେ ଆରଓପିଜନିତ ଅନ୍ଧତ୍ୱର ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି । ଏଲ୍ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ତଥ୍ୟ ଦର୍ଶାଉଛି ଯେ, ବିଗତ ଦଶନ୍ଧି ମଧ୍ୟରେ ଆମର ଶିଶୁ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଆରଓପି ସେବାର ଆବଶ୍ୟକତା ୧୦ ଗୁଣ ବୃଦ୍ଧି ପାଇଛି। ଗର୍ଭଧାରଣର ୩୪ ସପ୍ତାହ ପୂର୍ବରୁଜନ୍ମ ହୋଇଥିବା କିମ୍ବା ଜନ୍ମ ସମୟରେ ୨ କିଲୋଗ୍ରାମରୁ କମ୍ ଓଜନଥିବା ସମସ୍ତ ଶିଶୁଙ୍କର, ଜନ୍ମର ୨୦ ରୁ ୩୦ ଦିନ ମଧ୍ୟରେଜଣେ ପ୍ରଶିକ୍ଷିତ ଚକ୍ଷୁ ବିଶେଷଜ୍ଞ କିମ୍ବା ପ୍ରଶିକ୍ଷିତ ଟେକ୍ନିସିଆନଙ୍କ ଦ୍ୱାରା ଫଟୋଗ୍ରାଫିକ୍ ସପୋର୍ଟ ସହିତ ବା ବିନା ଆଖି ଏବଂ ପ୍ରସାରିତ ରେଟିନାର ସମ୍ପୂର୍ଣ୍ଣ ପରୀକ୍ଷା କରାଯିବା ଉଚିତ। ସେହିପରି ୩୪ ସପ୍ତାହ ପରେ ଜନ୍ମିତ କିମ୍ବା ୨ କିଲୋଗ୍ରାମରୁ ଅଧିକ ଓଜନ ଥିବା ଶିଶୁ, ଯେଉଁମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ନ ଥାଏ ସେମାନଙ୍କର ମଧ୍ୟ ଆରଓପିଆଶଙ୍କା ଦୂର କରିବା ପାଇଁ ପରୀକ୍ଷା କରାଯିବା ଆବଶ୍ୟକ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଭାରତ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ 'ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ' (ଆରବିଏସକେ) ମଧ୍ୟ ଏହି '୩୦-ଦିନର ନିୟମ' କୁ ବାଧ୍ୟତାମୂଳକ କରିଛି ।ଏହି ନିୟମ ଅନୁଯାୟୀ, ଶିଶୁ ଜନ୍ମ ହେବାର ୨୦ ରୁ ୩୦ ଦିନ ମଧ୍ୟରେ (କିମ୍ବା ଅତ୍ୟନ୍ତ କମ୍ ଓଜନ ବିଶିଷ୍ଟ ନବଜାତ ଶିଶୁଙ୍କ କ୍ଷେତ୍ରରେ ଏହାଠାରୁ ଆହୁରି ପୂର୍ବରୁ) ପ୍ରାରମ୍ଭିକ ରେଟିନା ପରୀକ୍ଷା କରାଯିବା ଆବଶ୍ୟକ। ଓଡ଼ିଶାର ସାମ୍ପ୍ରତିକ ସ୍ଥିତି ଅନୁଯାୟୀ, ପ୍ରତି ୧୦୦ ଅପରିପକ୍ୱ ଶିଶୁଙ୍କ ମଧ୍ୟରୁ ୩୦ ରୁ ୩୫ ଜଣଙ୍କଠାରେ ଆରଓପି ଲକ୍ଷଣ ଦେଖାଯାଉଛି ଏବଂ ସେମାନଙ୍କ ମଧ୍ୟରୁ ୮ ରୁ ୧୦ ଜଣଙ୍କୁ ତୁରନ୍ତ ଚିକିତ୍ସା କିମ୍ବା ଡାକ୍ତରୀ ହସ୍ତକ୍ଷେପର ଆବଶ୍ୟକତା ପଡୁଛି। ଏହା ଅତ୍ୟନ୍ତ ଚିଂତାଜନକ ଯେ, ଓଡ଼ିଶାର ବିଭିନ୍ନ ସରକାରୀ ଏବଂ ବେସରକାରୀ ଚିକିତ୍ସାଳୟ ଗୁଡ଼ିକରେ ପ୍ରତି ମାସରେ ପ୍ରାୟ ୬୦ ରୁ ୭୦ ଜଣ ଶିଶୁ ଅନ୍ଧ ହେବାର ଆଶଙ୍କା ମଧ୍ୟରେ ରହୁଛନ୍ତି। ଏହି କାରଣରୁ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ସମୟୋଚିତ ପଦକ୍ଷେପ ନେବା ନିହାତି ଜରୁରୀ ଅଟେ। କର୍ଣ୍ଣିଜାଂଟ ଫାଉଣ୍ଡେସନ୍ ସହଭାଗିତାରେ ଏବଂ ସରକାରୀ ତଥା ବେସରକାରୀ ନବଜାତ ଶିଶୁ ଯତ୍ନ କେନ୍ଦ୍ରଗୁଡ଼ିକର ମିଳିତ ସହଯୋଗରେ, ଏଲ୍ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଇଆଇ) 'ସାଇଟ୍ ଫର୍ ଅଲ୍ ପ୍ରୋଜେକ୍ଟ' ର ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଆମର ସମସ୍ତ ତୃତୀୟ ସ୍ତରୀୟ ଆଂଚଳିକ କେନ୍ଦ୍ରଗୁଡ଼ିକରେ (କୋଡେ ଭେଙ୍କଟାଦ୍ରି ଚୌଧୁରୀ କ୍ୟାମ୍ପସ, ବିଜୟୱାଡା; ଜିଏମଆର୍ ବରଲକ୍ଷ୍ମୀ କ୍ୟାମ୍ପସ, ବିଶାଖାପାଟଣା; ରାଜଶେଖର ରେଡ୍ଡୀ କ୍ୟାମ୍ପସ, କାଡାପାଏବଂ ମିଠୁ ତୁଳସୀ ଚନରାଇ କ୍ୟାମ୍ପସ, ଭୁବନେଶ୍ୱର) ଚାଲୁଥିବା ରେଟିନୋପାଥି ଅଫ୍ ପ୍ରିମାଚ୍ୟୁରିଟି (ଆରଓପି) ପରୀକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କର ରେଟିନା ପରୀକ୍ଷା, ରୋଗ ନିରୂପଣ ପାଇଁ ଆଧୁନିକ ଇମେଜିଂ ଏବଂ ବିଶେଷଜ୍ଞ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଆମେ ସମସ୍ତ ମାତାପିତା, ନବଜାତ ଶିଶୁ ରୋଗ ବିଶେଷଜ୍ଞ ଏବଂ ସ୍ପେଶାଲ ନ୍ୟୁବର୍ଣ୍ଣ କେୟାର ୟୁନିଟ୍ (ଏସଏନସିୟୁ) ର କର୍ମଚାରୀମାନଙ୍କୁ ଅନୁରୋଧ କରୁଛୁ ଯେଶିଶୁ ଜନ୍ମର ୩୦ ଦିନ ପୂର୍ବରୁ ଆରଓପି ଯାଂଚ ପ୍ରକ୍ରିୟାକୁ ସର୍ବାଧିକ ପ୍ରାଥମିକତା ଦିଅନ୍ତୁ !



# ଖ୍ମଜୀ ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ଅଫର୍ ସହିତ ଅନୁଗୋଳ ଶୋରୁମ୍ର ପ୍ରଥମ ବାର୍ଷିକୋତ୍ସବ ପାଳନ

**ଅନୁଗୋଳ, ୩୧।୮ (ନି.ପ୍ର) :** ଓଡ଼ିଶାର ଅନ୍ୟତମ ଅତି ବିଶ୍ୱସ୍ତ ଅଳଙ୍କାର ପ୍ରତିଷ୍ଠାନ ଖ୍ମଜୀ ଜୁଏଲର୍ସ ସହରରେ ଏହାର ଏକ ବର୍ଷର ଯାତ୍ରାକୁ ଚିହ୍ନିତ କରି ଏହାର ଅନୁଗୋଳ ଶୋରୁମ୍ର ପ୍ରଥମ ବାର୍ଷିକୋତ୍ସବ ପାଳନ କରୁଛି। ଶଙ୍କର ସିନେମା ହଲ୍ ରୋଡ୍, ଅନୁଗୋଳଠାରେ ଅବସ୍ଥିତ ୬,୦୦୦ ବର୍ଗ ଫୁଟର ଏହି ବିଳାସପୂର୍ଣ୍ଣ ଶୋରୁମ୍, ଓଡ଼ିଶାରେ କମ୍ପାନିର ୧୦ତମ ଶୋରୁମ୍ ଏବଂ ଜିଲ୍ଲାର ଅନ୍ୟତମ ବୃହତମ ଅଳଙ୍କାର ଶୋରୁମ୍ ଭାବରେ ସ୍ୱୀକୃତି ହାସଲ କରିଛି। ଏହି ସ୍ୱତନ୍ତ୍ର ମାଇଲଖୁଣ୍ଟକୁ ପାଳନ କରିବା ପାଇଁ ଖ୍ମଜୀ ଜୁଏଲର୍ସ ୨୦୨୬ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ଏକ ସପ୍ତାହବ୍ୟାପୀ ବାର୍ଷିକୋତ୍ସବ ପାଳନ ଘୋଷଣା କରିଛି ଯାହା ଗ୍ରାହକମାନଙ୍କୁ ସ୍ୱତନ୍ତ୍ର ବାର୍ଷିକୋତ୍ସବ ଲାଭ ସହିତ ଏହାର ସୁନା, ହୀରା, ପ୍ଲାଟିନମ୍ ଓ ରୁପା ଅଳଙ୍କାରର ବ୍ୟାପକ ସଂଗ୍ରହରୁ କିଣାକିଣି କରିବାର ଏକ ସୁଯୋଗ ପ୍ରଦାନ କରୁଛି। ବାର୍ଷିକୋତ୍ସବ ପାଳନର ଏକ ଅଂଶ ସ୍ୱରୂପ ଗ୍ରାହକମାନେ ସୁନା ଓ ହୀରା ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୫୦% ରିହାତି, ରୁପା ଗଢ଼ା ମଜୁରୀ ଏବଂ ଏମ୍ଆର୍ପି ଆଇଟମ୍ ଉପରେ ଫ୍ଲାଟ୍ ୨୦% ରିହାତି ଏବଂ ପ୍ଲାଟିନମ୍ ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୨୦% ରିହାତି ପାଇପାରିବେ। ଏହି ସ୍ୱତନ୍ତ୍ର ଅଫରଗୁଡ଼ିକ ଗ୍ରାହକମାନଙ୍କ ପାଇଁ ବାର୍ଷିକୋତ୍ସବ ପାଳନକୁ ଆହୁରି ସ୍ମରଣୀୟ କରିବା ସହିତ ସେମାନଙ୍କୁ ଖ୍ମଜୀ ଜୁଏଲର୍ସର ସର୍ବଶେଷ ଡିଜାଇନ୍ ଓ ସଂଗ୍ରହଗୁଡ଼ିକୁ ଆବିଷ୍କାର କରିବାର ଏକ ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଖ୍ମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖ୍ମଜୀ କହିଛନ୍ତି ଯେ, "ଆମ ଅନୁଗୋଳ ଶୋରୁମ୍ର ପ୍ରଥମ ବାର୍ଷିକୋତ୍ସବ ଆମ ପାଇଁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ମାଇଲଖୁଣ୍ଟ। ବିଗତ ଗୋଟିଏ ବର୍ଷ ମଧ୍ୟରେ ଅନୁଗୋଳର ଜନସାଧାରଣଙ୍କ ନିକଟରୁ ଆମେ ପାଇଥିବା ଆନ୍ତରିକତା, ବିଶ୍ୱାସ ଓ ସ୍ନେହ ପ୍ରକୃତରେ ଉତ୍ସାହଜନକ। ଅନୁଗୋଳ ହେଉଛି ଆକାଂକ୍ଷା, ଉଦ୍ୟୋଗ ଓ ବିକଶିତ ହେଉଥିବା ଅଭିଳାଷର ସହର ଏବଂ ଆମେ ଏହାର ବିକାଶ ଗାଥାର ଏକ ଅଂଶ ହୋଇ ଗର୍ବିତ। ଏହି ବାର୍ଷିକୋତ୍ସବ କେବଳ ଏଠାରେ ଆମର ଉପସ୍ଥିତିରେ ଗୋଟିଏ ବର୍ଷର ଉତ୍ସବ ନୁହେଁ ବରଂ ଆମର ଗ୍ରାହକମାନଙ୍କ ସହିତ ଆମେ ଗଢ଼ିଥିବା ସମ୍ପର୍କର ଏକ ଉତ୍ସବ। ଖ୍ମଜୀ ଜୁଏଲର୍ସକୁ ସେମାନଙ୍କର ଉତ୍ସବ ଓ ମାଇଲଖୁଣ୍ଟର ଏକ ଅଂଶ କରିଥିବାରୁ ଆମେ ଅନୁଗୋଳର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଉଛୁ ଏବଂ ଆହୁରି ଅନେକ ବର୍ଷ ପର୍ଯ୍ୟନ୍ତ ସମାନ ବିଶ୍ୱାସ, କାରିଗରୀ ଏବଂ ଶ୍ରେଷ୍ଠତା ସହିତ ସେମାନଙ୍କର ସେବା କରିବାକୁ ଆଶା ରଖୁଛୁ।




# କେନ୍ଦ୍ରାପଡାର ବନ୍ୟା ବିପନ୍ନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବି

**କେନ୍ଦ୍ରାପଡ଼ା,୩୧।୮ (ନି.ପ୍ର) :** କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ ବିଜେପି ନେତ୍ରୀ ସୁଜାତା ବାରିକ ବନ୍ୟା ବିପନ୍ନଙ୍କ ଥାଇଥାନ ଦାବିରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏନେଇ ସେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା, କେନ୍ଦ୍ରାପଡ଼ା ବ୍ଲକ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଲକ୍ଷ ଲକ୍ଷ ଲୋକ ବିପନ୍ନ ହୋଇପଡିଛନ୍ତି। ଅସଂଖ୍ୟ କ୍ଷତିଗ୍ରସ୍ତ ଲୋକମାନଙ୍କ ଘର ବନ୍ୟାରେ ଭାଙ୍ଗିଯାଇଛି। ହଜାର ହଜାର ଚାଷୀଙ୍କ ଧାନ ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ଛେଳି, ମେଣ୍ଢା, କୁକୁଡ଼ା ଓ ଗୋରୁଗାଈ ମଧ୍ୟ ବିପନ୍ନ ହୋଇପଡିଛନ୍ତି। କୁମ୍ଭୀର ଆକ୍ରମଣ, ସର୍ପାଘାତ ଓ ନଦୀସ୍ରୋତରେ ଲୋକଙ୍କ ଜୀବନ ଯାଇଛି। ଘର ଭାଙ୍ଗିଥିବା ସବୁ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଣ, କୁମ୍ଭୀର ଆକ୍ରମଣ, ସର୍ପାଘାତ, ବଜ୍ରପାତ ଓ ନଦୀସ୍ରୋତରେ ଭାସିଯାଇ ମୃତାହତଙ୍କୁ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯାଉ। ଧାନଚାଷ ଉଜୁଡ଼ି ଯାଇଥିବା ଯୋଗୁ ଚଳିତ ସେପ୍ଟେମ୍ବର ମାସ ୧ ତାରିଖରୁ ଆଗାମୀ ଖରିଫ ଫସଲ ଅମଳ ହେବା ପର୍ଯ୍ୟନ୍ତ ପ୍ରତି ଚାଷୀଙ୍କୁ ମୁଣ୍ଡପିଛା ଦିନକୁ ୧ କେଜି ଚାଉଳ ଓ ନାବାଳକଙ୍କ ପାଇଁ ଦିନକୁ ୫ଶହଗ୍ରାମ ଚାଉଳ ଯୋଗାଇ ଦିଆଯାଉ। ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ଆଗାମୀ ଏକବର୍ଷ ପର୍ଯ୍ୟନ୍ତ ମାସିକ ୨୦୦୦ ଟଙ୍କା ସୁରକ୍ଷା ଭତ୍ତା ପ୍ରଦାନ କରାଯାଉ। ଫସଲ ଉଜୁଡ଼ି ଯାଇଥିବା ଚାଷୀଙ୍କୁ ମାଗଣାରେ ପନିପରିବା ମଞ୍ଜି, ସାର, କୀଟନାଶକ ଔଷଧ ପ୍ରଭୃତି ଯୋଗାଇ ଦିଆଯାଉ। ବନ୍ୟାଞ୍ଚଳରେ ସବୁ ଚାଷୀଙ୍କ ଋଣ ଛାଡ଼ କରାଯିବା ସହ ଆଗାମୀ ଚାଷ ପାଇଁ ବିନା ସୁଧରେ ଋଣ ପ୍ରଦାନ କରାଯାଉ। ବହି,ଖାତା, କଲମ ଓ ସ୍କୁଲ ପୋଷାକ ହରାଇଥିବା ଛାତ୍ରଛାତ୍ରୀଙ୍କୁ ନୂଆ ବହି, ଖାତା, କଲମ ପୋଷାକ ଯୋଗାଇ ଦିଆଯାଉ।

# ଜାତୀୟ କ୍ରୀଡ଼ା ଦିବସ ଅବସରରେ କ୍ରୀଡ଼ା ପ୍ରତିଭାଙ୍କୁ ଟିପିଏସ୍ଓଡିଏଲ୍‌ର ପ୍ରୋତ୍ସାହନ

**ବ୍ରହ୍ମପୁର,୩୧।୮ (ନି.ପ୍ର):** ଅଗଷ୍ଟ ୨୯ ତାରିଖରେ ଦେଶ ଜାତୀୟ କ୍ରୀଡ଼ା ଦିବସ ପାଳନ କରୁଥିବାବେଳେ, ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି । ପ୍ରତିଭା ଚିହ୍ନଟ, ବୃତ୍ତିଗତ ପ୍ରଶିକ୍ଷଣ, ମାର୍ଗଦର୍ଶନ, ପୋଷଣ ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗନେବାର ସୁଯୋଗ ମାଧ୍ୟମରେ ଟିପିଏସ୍ଓଡିଏଲ୍ କ୍ରୀଡ଼ାକୁ ଯୁବପିଢ଼ିକୁ ସଶକ୍ତ କରିବା ଏବଂ ଦକ୍ଷିଣ ଓଡ଼ିଶାର ସମୁଦାୟକୁ ସୁଦୃଢ଼ କରିବାର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ବ୍ୟବହାର କରୁଛି ।ଏହି ଯାତ୍ରାର ମୁଖ୍ୟ ଅଂଶ ହେଉଛି 'କ୍ୟାଚ୍ ଦେମ୍ ୟଙ୍ଗ୍' ଅଭିଯାନ । ଏହା ମାଧ୍ୟମରେ ସ୍କୁଲସ୍ତରରୁ ଉଦୀୟମାନ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିକାଶ ପାଇଁ ଏକ ସୁବ୍ୟବସ୍ଥିତ ମାର୍ଗ ପ୍ରସ୍ତୁତ କରାଯାଉଛି । ପ୍ରଥମେ ୧୬ ଜଣ ପ୍ରତିଭାବାନ ଯୁବକ-ଯୁବତୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଅଭିଯାନ, ପରେ ବିଭିନ୍ନ ସ୍କୁଲରେ ବ୍ୟବସ୍ଥିତ ଭାବେ ପ୍ରତିଭା ଚିହ୍ନଟ କରି ଆହୁରି ୧୭ ଜଣ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଆଥଲେଟିକ୍ସ ବିକାଶ ପାଇଁ ଚିହ୍ନଟ କରିଛି । ଟିପିଏସ୍ଓଡିଏଲ୍‌ର ଏହି ଅଭିଯାନ କେବଳ ପ୍ରଶିକ୍ଷଣ ଦେବାରେ ସୀମିତ ନୁହେଁ । ଚୟନ ହୋଇଥିବା କ୍ରୀଡ଼ାବିତ୍‌ମାନଙ୍କୁ ବୃତ୍ତିଗତ ପ୍ରଶିକ୍ଷଣ, ନିୟମିତ ଅଭ୍ୟାସ, ବିଶେଷଜ୍ଞଙ୍କ ମାର୍ଗଦର୍ଶନ, ପୋଷଣ ସମ୍ପର୍କିତ ପରାମର୍ଶ, ପ୍ରଦର୍ଶନର ନିୟମିତ ମୂଲ୍ୟାଙ୍କନ ଏବଂ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରର ପ୍ରତିଯୋଗିତାରେ ଭାଗନେବାର ସୁଯୋଗ ଦିଆଯାଉଛି ।




ଏହି ସମସ୍ତ ସହାୟତା ସେମାନଙ୍କୁ କେବଳ କ୍ରୀଡ଼ାରେ ଦକ୍ଷ ହେବାରେ ନୁହେଁ, ବରଂ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ଦୃଢ଼ ମନୋବଳ ଗଢ଼ିବାରେ ମଧ୍ୟ ସହାୟକ ହେଉଛି। ଯାହାର ଫଳାଫଳ ଏବେ ସ୍ପଷ୍ଟ ଭାବେ ଦେଖାଯାଉଛି । ଟିପିଏସ୍ଓଡିଏଲ୍‌ର ସହାୟତାପ୍ରାପ୍ତ କ୍ରୀଡ଼ାବିତ୍ ମାନେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଛନ୍ତି । ଏଥିସହ ୪ ଜଣ କ୍ରୀଡ଼ାବିତ୍ ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ୍‌ରେ ଆୟୋଜିତ ୨୦୨୬ ଦିଲ୍ଲୀ ଷ୍ଟେଟ୍ ଓପନ୍ ଆଥଲେଟିକ୍ସ ଚାମ୍ପିୟନସିପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି । ସେମାନଙ୍କ ମଧ୍ୟରୁ ପୁଷ୍ପାବତୀ ରାଇତା ୬୦୦ ମିଟର ଦୌଡ଼ରେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଉପଯୁକ୍ତ ସହାୟତା ଓ ସୁଯୋଗ ମିଳିଲେ ତୃଣମୂଳ ସ୍ତରର ପ୍ରତିଭା କିପରି ଆଗକୁ ବଢ଼ିପାରେ, ପୁଷ୍ପାବତୀ ତାହାର ଏକ ଜ୍ୱଳନ୍ତ ଉଦାହରଣ । ଟିପିଏସ୍ ?ଓଡିଏଲ୍ ? ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଉଛି । କମ୍ପାନୀ ପକ୍ଷରୁ ଦିବ୍ୟାଙ୍ଗ ଓ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କୁ କ୍ରୀଡ଼ା ସାମଗ୍ରୀ ଓ ଉପକରଣ ଯୋଗାଇ ଦିଆଯାଇଛି । ବାଲିଗୁଡ଼ା, ମାଲକାନଗିରି ଓ କୋରାପୁଟର ରେଡକ୍ରସ୍ ବ୍ଲାଇଣ୍ଡ ସ୍କୁଲ୍‌ର ୨୦୦ରୁ ଅଧିକ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ଏଥିରେ ଉପକୃତ ହୋଇଛନ୍ତି । ସେହିପରି କୋଦଳାସ୍ଥିତ ସାଇମା ସ୍ପେଶାଲ୍ ସ୍କୁଲ୍‌କୁ ଦିଆଯାଇଥିବା ସହାୟତା ମାଧ୍ୟମରେ ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କୁ କ୍ରୀଡ଼ାରେ ଭାଗନେବାର ସୁଯୋଗ ମିଳିଛି । ଭାରୋତ୍ତୋଳନ ଭଳି କ୍ରୀଡ଼ାରେ ଆଗ୍ରହ ରଖୁଥିବା ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ମଧ୍ୟ କ୍ରୀଡ଼ା ଉପକରଣ ଯୋଗାଇ ଦିଆଯାଇଛି । ସାମଗ୍ରିକ ଭାବରେ ସମୁଦାୟରେ ସମସ୍ତଙ୍କ ପାଇଁ କ୍ରୀଡ଼ାର ସୁଯୋଗ ସୃଷ୍ଟି କରିବା ଟିପିଏସ୍ଓଡିଏଲ୍‌ର ମୂଳ ଲକ୍ଷ୍ୟ । ଏ ସମ୍ପର୍କରେ ଟିପିଏସ୍ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "କ୍ରୀଡ଼ା କେବଳ ପଦକ ଜିତିବାର ମାଧ୍ୟମ ନୁହେଁ; ଏହା ଆତ୍ମବିଶ୍ୱାସ, ଶୃଙ୍ଖଳା, ଦୃଢ଼ ମନୋବଳ ଏବଂ ପ୍ରତ୍ୟେକ ଯୁବକ-ଯୁବତୀଙ୍କ ଜୀବନରେ ଆହୁରି ଭଲ କରିପାରିବାର ବିଶ୍ୱାସ ଗଢ଼ିବାର ଏକ ମାଧ୍ୟମ । ଟିପିଏସ୍ଓଡିଏଲ୍‌ରେ ଆମେ ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରିବା ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ, ମାର୍ଗଦର୍ଶନ, ପୋଷଣ ସହିତ ବିଭିନ୍ନ ପ୍ରତିଯୋଗିତାର ଅନୁଭୂତି ଦେବାକୁ ପ୍ରତିବଦ୍ଧ । ଆମର ଲକ୍ଷ୍ୟ ହେଉଛି କ୍ରୀଡ଼ାକୁ ଆହୁରି ସମାବେଶୀ କରିବା, ଯାହାଦ୍ୱାରା ବିଭିନ୍ନ ପୃଷ୍ଠଭୂମି ଓ ଭିନ୍ନ ସାମର୍ଥ୍ୟ ଥିବା ପିଲାମାନେ କ୍ରୀଡ଼ାରେ ଭାଗନେବା, ଆଗକୁ ବଢ଼ିବା ଓ ନିଜ ପ୍ରତିଭା ପ୍ରମାଣ କରିବାର ସୁଯୋଗ ପାଇପାରିବେ" ।

# ଓଡ଼ିଶାରେ ଜିଓର ଦମଦାର ପ୍ରଦର୍ଶନ ଜାରି

**ଭୁବନେଶ୍ୱର, ୩୧।୮ (ନି.ପ୍ର) :** ଓଡ଼ିଶାର ଏକ ନମ୍ବର ତଥା ସର୍ବାଧିକ ପସନ୍ଦିତ ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ଜୟଯାତ୍ରା ଜାରି ରଖି ରିଲାଏନ୍ସ ଜିଓ ୨୦୨୬ ଜୁଲାଇ ମାସରେ ରାଜ୍ୟରେ ରେକର୍ଡ ୩.୨୭ ଲକ୍ଷ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡିଛି। ଓଡ଼ିଶାରେ ଏହାର ବଜାର ନେତୃତ୍ୱକୁ ଆହୁରି ସୁଦୃଢ଼ କରିଥିବା ରିଲାଏନ୍ସ ଜିଓ ଜୁଲାଇ ମାସରେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ଏୟାରଟେଲ୍ ତୁଳନାରେ ଚାରି ଗୁଣ ଅଧିକ ନୂତନ ଉପଭୋକ୍ତା ଯୋଡିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଜୁଲାଇ ମାସରେ ଜିଓ ଓଡ଼ିଶାରେ ସର୍ବାଧିକ ୩,୨୭,୦୩୪ ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବା ବେଳେ, ଏହା ପଛକୁ ଏୟାରଟେଲ୍ ୮୦,୪୦୫ ନୂତନ ଗ୍ରାହକ ଏବଂ ଭୋଡାଫୋନ୍ ଆଇଡିଆ ୯୬୬୭ ନୂତନ ଗ୍ରାହକ ଯୋଡ଼ିଛନ୍ତି। ଅନ୍ୟପକ୍ଷରେ ବିଏସଏନଏଲ ଏହି ମାସରେ ରାଜ୍ୟରେ ୪୭୦୭ ଗ୍ରାହକ ହରାଇଛି। ଜିଓର ଦୃଢ଼ ଗ୍ରାହକ ଅଭିବୃଦ୍ଧି ବଳରେ ଓଡ଼ିଶାର ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଜୁଲାଇ ମାସରେ ୪.୧୨ ଲକ୍ଷରୁ ଅଧିକ ବୃଦ୍ଧି ପାଇ ୩.୯ କୋଟି ଅତିକ୍ରମ କରିଛି। ଓଡିଶାରେ ହୋମ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ପ୍ରାଧାନ୍ୟ ଜାରି ରଖି, ଜିଓ ଜୁଲାଇରେ ପ୍ରାୟ ୧୧୦୦୦ ଜିଓଏୟାରଫାଇବର ଏବଂ ଜିଓଫାଇବର ଗ୍ରାହକ ଯୋଡିଛି। ଏଥିସହିତ ରାଜ୍ୟରେ ଜିଓ ନେଟୱାର୍କରେ ମୋଟ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ୮ ଲକ୍ଷ ଅତିକ୍ରମ କରିଛି। ଜୁଲାଇ ୩୧ ସୁଦ୍ଧା ରାଜ୍ୟରେ ୪.୨୫ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ରହିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ଜାତୀୟ ସ୍ତରରେ, ଜୁଲାଇ ମାସରେ ଜିଓ ୨୪ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୫ ଲକ୍ଷରୁ ଅଧିକ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ଏହା ସହିତ, ଦେଶରେ ଜିଓ ନେଟୱାର୍କରେ ମୋଟ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ୩ କୋଟି ଅତିକ୍ରମ କରିଛି। ଜିଓ ୫ଜି ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ କ୍ଷେତ୍ରରେ ୯୨.୭ ଲକ୍ଷ ଗ୍ରାହକଙ୍କ ସହିତ ନେତୃତ୍ୱ ନେଉଛି ଏବଂ ଦେଶରେ ୟୁବିଆର ଫିକ୍ସଡ୍-ୱାୟାରଲେସ୍ ସେବାର ଏକମାତ୍ର ସେବା ପ୍ରଦାନକାରୀ ରହିଛି। ଓଡ଼ିଶାର ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ, ଜିଓ ନେଟୱାର୍କରେ ବର୍ତ୍ତମାନ ସର୍ବାଧିକ ୧.୮୫ କୋଟି ମୋବାଇଲ୍ ଗ୍ରାହକ ଏବଂ ୮ ଲକ୍ଷରୁ ଅଧିକ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ରହିଛନ୍ତି। ଏଥିସହିତ, ଜିଓ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲ୍ୟୁଏ କ୍ଷେତ୍ରରେ ଏକ ନମ୍ବର ସେବା ପ୍ରଦାନକାରୀ ଭାବରେ ଓଡ଼ିଶାରେ ଏହାର ବଜାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି।

# ୮ମ ବାର୍ଷିକ ବିଜନେସ୍ ଏକ୍ସଲେନ୍ସ ସମିଟ୍ ୨୦୨୩ ଆୟୋଜିତ

**ଭୁବନେଶ୍ୱର, ୩୧।୮ (ନି.ପ୍ର):** ଜାଭିଅର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ, ଭୁବନେଶ୍ୱର (କ୍ସଆଇଏମବି)ରେ 'ସ୍ଥିର ବ୍ୟବସାୟ ଗଠନ – ଏକ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ବିପଦକୁ ମୁକାବିଲା କରିବା" ବିଷୟବସ୍ତୁ ଅଧୀନରେ ଆୟୋଜିତ ୮ମ ବିଜନେସ୍ ଏକ୍ସଲେନ୍ସ ସମିଟ୍ (ବିଇଏସ) ୨୦୨୩ ସଫଳତାର ସହ ଉଦ୍‌ଯାପିତ ହୋଇଥିଲା। ଦୁଇ ଦିନିଆ ଏହି ସମିଟ୍‌ରେ ଶିଳ୍ପ ଜଗତର ନେତୃବୃନ୍ଦ, ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ ପୂର୍ବତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ସ୍ଥିତିସ୍ଥାପକତା, ନେତୃତ୍ୱ, ପ୍ରଯୁକ୍ତି, ଇଏସଜି, ଏଆଇ ଏବଂ ରିସ୍କ ପରିଚାଳନା ଉପରେ ଆଲୋଚନା କରିଥିଲେ । ପ୍ରଦୀପ ପ୍ରଜ୍ୱଳନ ଏବଂ ଡ. ବିଶ୍ୱ ସ୍ୱରୂପ ମିଶ୍ରଙ୍କ ଉଦ୍‌ଘାଟନୀ ବକ୍ତବ୍ୟ ସହ ସମିଟ୍‌ର ଶୁଭାରମ୍ଭ ହୋଇଥିଲା। ଏହା ପରେ ଡ. ଫାଦର କେ. ଏସ୍. କାସିମିର, ଏସ.ଜି ସମିଟ୍‌ର ବିଷୟବସ୍ତୁ ଉପରେ ନିଜ ବକ୍ତବ୍ୟରେ ସ୍ଥିତିସ୍ଥାପକ ସଂଗଠନ ଗଠନରେ ମୂଲ୍ୟ ଚିନ୍ତାଧାରା, ସହଯୋଗ ଏବଂ ମାନବୀୟ ସ୍ପର୍ଶର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ଏହି ଅଧିବେଶନରେ ବିଇଏସ ପତ୍ରିକା 'ପ୍ରତିଧ୍ୱନି' ଏବଂ ପୂର୍ବତନ ଛାତ୍ରଛାତ୍ରୀଙ୍କ ପତ୍ରିକା 'ୟୁନାୟନ'ର ଉନ୍ମୋଚନ ମଧ୍ୟ କରାଯାଇଥିଲା । ପ୍ରଥମ ଦିନର ମୁଖ୍ୟ ବକ୍ତବ୍ୟରେ ଟ୍ରଷ୍ଟ ମିଚୁଆଲ୍ ଫଣ୍ଡ ର ସିଇଓ ଶ୍ରୀ ସନ୍ଦୀପ ବାଗଲା ଫୋରଏ ଫ୍ରେମୱର୍କ – ପୂର୍ବାନୁମାନ, ଅବଶୋଷଣ, ଅନୁକୂଳନ ଏବଂ ତ୍ୱରାନ୍ୱିତ କରନ୍ତୁଉପସ୍ଥାପନ କରି ଏଆଇ, ଉତ୍ତରଦାୟିତ୍ୱ, ଡିଜିଟାଲ୍ ଭିତ୍ତିଭୂମି ଏବଂ ଦାୟିତ୍ୱପୂର୍ଣ୍ଣ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। 'ନେତୃତ୍ୱ – ଦୀର୍ଘକାଳୀନ ନେତୃତ୍ୱ' ଏବଂ 'ପ୍ରଯୁକ୍ତିବିଦ୍ୟା – ଭାଙ୍ଗିବା ପାଇଁ ନୁହେଁ, ବଙ୍କା ପାଇଁ ନିର୍ମାଣ କରନ୍ତୁ' 'ନେତୃତ୍ୱ – ଦୀର୍ଘକାଳୀନ ନେତୃତ୍ୱ' ଏବଂ 'ପ୍ରଯୁକ୍ତିବିଦ୍ୟା – ଭାଙ୍ଗିବା ପାଇଁ ନୁହେଁ, ବଙ୍କା ପାଇଁ ନିର୍ମାଣ କରନ୍ତୁ' 'ବିଷୟ ଉପରେ ଆୟୋଜିତ ପ୍ୟାନେଲ୍ ଆଲୋଚନା ଗୁଡ଼ିକରେ ଶ୍ରୀ ଶ୍ରୀନିବାସ ବରତମ୍, ଶ୍ରୀ ଜୟଦୀପ ଚକ୍ରବର୍ତ୍ତୀ, ଶ୍ରୀ ସୁଶାନ୍ତ ଦ୍ୱିବେଦୀ, ଶ୍ରୀ ବିକାସ ମିଶ୍ର, ଶ୍ରୀ ଗୌରବ ଚାୱଲା ଏବଂ ସୁଶ୍ରୀ ଜୟନ୍ତୀ ଦ୍ୱିବେଦୀ ଯୋଗ ଦେଇଥିଲେ। ଏହି ଆଲୋଚନାଗୁଡ଼ିକରେ ସ୍ଥିତିସ୍ଥାପକ ନେତୃତ୍ୱ, ପ୍ରଯୁକ୍ତିଗତ ପରିବର୍ତ୍ତନ, ଏଆଇ, ସୁଶାସନ ଏବଂ ସ୍ଥାୟୀ ମୂଲ୍ୟ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା । ?ଦ୍ୱିତୀୟ ଦିନର ମୁଖ୍ୟ ବକ୍ତବ୍ୟ କ୍ସଆଇଏମବି ର ପୂର୍ବତନ ଛାତ୍ର ତଥା ଯେଏଲଏଲ ଇଣ୍ଡିଆର ର ଡିରେକ୍ଟର ଶ୍ରୀ ହିମାଂଶୁ ରାଉତରାୟ ପ୍ରଦାନ କରିଥିଲେ। ସେ ସ୍ଥିତିସ୍ଥାପକ କ୍ୟାରିୟର ଗଠନ ପାଇଁ ଅନିଶ୍ଚିତତାକୁ ଗ୍ରହଣ କରିବା, ରିସ୍କ ପରିଚାଳନା, ଏଆଇ, ଯୋଗାଯୋଗ ସ୍ଥାପନ, ସହଯୋଗ, ନିରନ୍ତର ଦକ୍ଷତା ବିକାଶ, ନିୟମ ଅନୁପାଳନ, ଗୁଣବତ୍ତା ଏବଂ ନୈତିକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। "ଇଏସଜି – ଡିଜାଇନ୍ ଦ୍ୱାରା ସ୍ଥିରତା" ବିଷୟ ଉପରେ ଆୟୋଜିତ ପ୍ୟାନେଲ୍ ଆଲୋଚନାର ସଞ୍ଚାଳନ ପ୍ରଫେସର ଏସ୍. ଏସ୍. ଗଣେଶ କରିଥିଲେ। ଏଥିରେ ସୁଶ୍ରୀ ପ୍ରିୟଙ୍କା ଘୋଷ, ଶ୍ରୀ ଦେବସ୍ମିତ ମହାନ୍ତି ଏବଂ ଶ୍ରୀ ସନ୍ତୋଷ ମହାପାତ୍ର ଯୋଗ ଦେଇ ଅନୁକୂଳନଶୀଳତା, ସୁଶାସନ, ହିତାଧିକାରୀ ପରିଚାଳନା, ଇଏସଜି, ପ୍ରଯୁକ୍ତି ଏବଂ ସ୍ଥାୟିତ୍ୱ ଉପରେ ଆଲୋଚନା କରିଥିଲେ। ଶେଷ ପ୍ୟାନେଲ୍ 'ଖରାପ ଦିନ ପାଇଁ ନିର୍ମିତ ବିପଦ ପରିଚାଳନା"ର ସଞ୍ଚାଳନ ଡ. ରୀତେଶ କୁମାର ଦୁବେ କରିଥିଲେ। ଏଥିରେ ଶ୍ରୀ କିରଣ ରାଣା ଏବଂ ଶ୍ରୀ ଚିତ୍ତରଞ୍ଜନ ମହାନ୍ତି ଯୋଗ ଦେଇ ରିସ୍କ ମୂଲ୍ୟାଙ୍କନ, ଏଆଇ, ପ୍ରଯୁକ୍ତିଗତ ଆଲୋଡ଼ନ, ଅନୁକୂଳନଶୀଳତା ଏବଂ ମାନବୀୟ ବିଚାରଶକ୍ତି ଉପରେ ଆଲୋଚନା କରିଥିଲେ । ଉଭୟ ଦିନର ସକ୍ରିୟ ପ୍ରଶ୍ନୋତ୍ତର ପର୍ଯ୍ୟାୟ ଗୁଡ଼ିକରେ ଛାତ୍ରଛାତ୍ରୀ ମାନେ ଏଆଇ, ନବସୃଜନ, ଉଦ୍ୟମିତା, ନୈତିକତା, କ୍ୟାରିୟର ଚୟନ, ଇଏସଜି, ଅନିଶ୍ଚିତତା ଏବଂ ରିସ୍କ ପରିଚାଳନା ସମ୍ପର୍କରେ ବକ୍ତାମାନଙ୍କ ସହ ଆଲୋଚନା କରିଥିଲେ । ଶେଷରେ ଅତିଥିମାନଙ୍କୁ ସମ୍ମାନିତ କରାଯିବା ସହ ସମିଟ୍ ସମାପ୍ତ ହୋଇଥିଲା, ଯାହା ଅନିଶ୍ଚିତ ଭବିଷ୍ୟତ ପାଇଁ ଅନୁକୂଳନଶୀଳ, ଦାୟିତ୍ୱବାନ ଏବଂ ସ୍ଥିତିସ୍ଥାପକ ସଂଗଠନ ଗଠନ ଉପରେ ବିଇଏସ ୨୦୨୩ର ଗୁରୁତ୍ୱକୁ ପୁନର୍ବାର ରେଖାଙ୍କିତ କରିଥିଲା ।





## ୬ ଗୋରୁ ସହ ଗାଡି ଜବତ, ୨ ଗିରଫ

**ବୁଗୁଡା,୩୧/୮ (ନି.ପ୍ର) :** ବେଆଇନ ଗୋଚାଲାଣ ବେଳେ ବୁଗୁଡ଼ା ଥାନା ଅନ୍ତର୍ଗତ ଷୋଳମଇଲିଠାରେ ପୋଲିସ ୬ଟି ଗୋରୁ ବୋଝେଇ ଏକ ଗାଡିକୁ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଦୁଇ ଜଣ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୋକର୍ଣ୍ଣପୁର ଗ୍ରାମର ମିଥୁନ ନାୟକ (୩୨) ଓ କୁଳମଣି ଜେନା (୪୨)। ଏ ନେଇ ଥାନାରେ କେସ୍ ନଂ ୪୩୨/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତକାଲି ବିଳମ୍ବିତ ରାତିରେ ପୋଲସରା ଥାନା ଅନ୍ତର୍ଗତ ଭାବରଡା ଗ୍ରାମରୁ ଦିଗପହଣ୍ଡିକୁ ବେଆଇନ ଗୋଚାଲାଣ ହେଉଥିବା ଏକ ଗାଡି (ନଂ-ଓଡି-୦୭ଏଏ - ୦୫୫୮) ଷୋଳମଇଲିଠାରେ ପେଟ୍ରୋଲିଂ କରୁଥିବା ପୋଲିସ ହାବୁଡରେ ପଡିଥିଲା। ସେଥିରେ ୨ଟି ବଳଦ ଓ ୪ଟି ଗାଇ ବୋଝେଇ ହୋଇଥିଲା । ପୋଲିସ ଗୋରୁ ବୋଝେଇ ଗାଡିକୁ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲା। ଜବତ ଗୋରୁଗୁଡିକୁ କରଚୁଲି ଗୋଶାଳାକୁ ପଠାଯାଇଥିବା ବେଳେ ଏହି ମାମଲାର ତଦନ୍ତ ଦାୟିତ୍ୱରେ ଏଏସ୍ଆଇ ଉପେନ୍ଦ୍ର କ୍ରାସକା ରହିଥିବା ଜଣାଯାଇଛି।

## କେନ୍ଦ୍ରାପଡାରେ ଜାହାଜ ନିର୍ମାଣ ଏବଂ ଭାରୀଶିଳ୍ପ ପାର୍କ ନିର୍ମାଣ ପାଇଁ ମଞ୍ଜୁରୀ

**ପାରାଦୀପ,୩୧/୮ (ନି.ପ୍ର):** ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ଜାହାଜ ନିର୍ମାଣ ବିକାଶ ଯୋଜନା (ଏସବିଡିଏସ) ଅଧୀନରେ ଜାତୀୟ ଜାହାଜ ନିର୍ମାଣ ଏବଂ ଭାରୀ ଶିଳ୍ପ ପାର୍କ, ଓଡ଼ିଶା ଲିମିଟେଡ (ଏନଏସଆଇପିଓଏଲ) ନୀତିଗତ ଅନୁମୋଦନ ପାଇଛି। ପ୍ରସ୍ତାବିତ ପ୍ରକଳ୍ପଟି ଓଡ଼ିଶାର କେନ୍ଦ୍ରାପଡ଼ାରେ ମହାନଦୀ କୂଳରେ ଅବସ୍ଥିତ, ଯାହା ରାଜ୍ୟର ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏନଏସଏଚଆଇପିଓଏଲ ଜୁଲାଇ ୩୦, ୨୦୨୬ ରେ ଅନନ୍ୟ ଆବେଦନ ନମ୍ବର ଜିଓ୍ୱାଇ ୭୦୦୦୧୦ ଅଧୀନରେ ଏହାର ଆବେଦନ ଦାଖଲ କରିଥିଲା। ଜାହାଜ ନିର୍ମାଣ ବିକାଶ ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରସ୍ତାବର ବିସ୍ତୃତ ବିଚାର ପରେ, ସକ୍ଷମ ପ୍ରାଧିକରଣ ଅଗଷ୍ଟ ୧୦,୨୦୨୬ ରେ ନୀତିଗତ ଅନୁମୋଦନ ପ୍ରଦାନ କରିଥିଲେ। ଏହି



ଅନୁମୋଦନ ସେହି ଦିନ ଅନୁଷ୍ଠିତ ଜାତୀୟ ଜାହାଜ ନିର୍ମାଣ ମିଶନର ଆନ୍ତଃ-ମନ୍ତ୍ରାଳୟ ଗୋଷ୍ଠୀ ଜାହାଜ ନିର୍ମାଣ ସଂସ୍ଥାର ଷଷ୍ଠ ବୈଠକର ନିର୍ଦ୍ଦେଶାବଳୀ ଅନୁସରଣ କରେ। ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ପି.ଏଲ.ହରନାଦ କହିଛନ୍ତି, 'ନୀତିଗତ ଅନୁମୋଦନ ଓଡ଼ିଶାର ସାମୁଦ୍ରିକ ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କେନ୍ଦ୍ରାପଡ଼ାରେ ପ୍ରସ୍ତାବିତ ଜାହାଜ ନିର୍ମାଣ ଏବଂ ଭାରୀ ଶିଳ୍ପ ପାର୍କ ଜାହାଜ ନିର୍ମାଣ କ୍ଷମତାକୁ ସୁଦୃଢ଼ କରିବ, ନିବେଶକୁ ଆକର୍ଷିତ କରିବ, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଏହି ଅଞ୍ଚଳରେ ଆନୁଷଙ୍ଗିକ ଶିଳ୍ପର ବିକାଶକୁ ପ୍ରୋତ୍ସାହିତ କରିବାର ସମ୍ଭାବନା ରଖିଛି।'

ପରବର୍ତ୍ତୀ ପର୍ଯ୍ୟାୟର ଏକ ଅଂଶ ଭାବରେ, ଏନଏସଏଚଆଇପିଓଏଲ ପ୍ରସ୍ତାବିତ ଜାହାଜ ୟାର୍ଡ଼ର ଭିତ୍ତିଭୂମି, ଜାହାଜର ନିର୍ଦ୍ଦିଷ୍ଟକରଣ, ପୁଞ୍ଜି ନିବେଶ, ଡ୍ରେଜିଂ ଏବଂ ବ୍ରେକଓ୍ୱାଟର ଆବଶ୍ୟକତା ଏବଂ ଆର୍ଥିକ ମଡେଲକୁ ଅନ୍ତର୍ଭୁକ୍ତ କରି ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବ। ପ୍ରକଳ୍ପଟି ପରିବେଶଗତ ମଞ୍ଜୁରୀ, ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ଅନୁମତି ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ମଞ୍ଜୁରୀ ସମେତ ଆବଶ୍ୟକୀୟ ବୈଧାନିକ ଅନୁମୋଦନ ହାସଲ କରିବା ଦିଗରେ ମଧ୍ୟ ଅଗ୍ରଗତି କରିବ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏନଏସଏଚଆଇପିଓଏଲ ଏହାର ପ୍ରସ୍ତାବ, ଡିପିଆର, ବୈଧାନିକ ମଞ୍ଜୁରୀ ଏବଂ ନିବେଶ ପ୍ରତିଶ୍ରୁତି ସହିତ, ଚୂଡ଼ାନ୍ତ ଅନୁମୋଦନ ପାଇଁ ଦାଖଲ କରିବ। ପ୍ରସ୍ତାବିତ ପାର୍କ ଜାହାଜ ନିର୍ମାଣ ଏବଂ ଭାରୀ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଉଭା ହେବ, ଯାହା ଶିଳ୍ପ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି, ଦକ୍ଷତା ବିକାଶ ଏବଂ ଓଡ଼ିଶାର ବ୍ୟାପକ ସାମୁଦ୍ରିକ ଏବଂ ଉପକୂଳ ଅର୍ଥନୀତିକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି।

## ରାୟଗଡ଼ ପୌରପରିଷଦରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ରାୟଗଡ଼, ୩୧।୮ (ନି.ପ୍ର) :** ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପତ୍ର ସଂଖ୍ୟା ୨୪୨୩୭ ତାରିଖ :୨୫.୦୮.୨୦୨୬ ର ନିର୍ଦ୍ଦେଶକ୍ରମେ, ରାୟଗଡ଼ ପୌରପରିଷଦ ଅଡିଟୋରିୟମ୍ ପରିସରରେ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଗୌରବର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଶ୍ରୀ କାଡ୍ରାକା ଆପାଲା ସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାୟଗଡ଼ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ରନାଥ କହଁର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାସହିତ ପୌରପରିଷଦର ପୌରାଧ୍ୟକ୍ଷ ଶ୍ରୀ ପି. ମହେଶ ପଟ୍ଟନାୟକ, ପୌରପରିଷଦର ସମସ୍ତ କାଉନସିଲରବୃନ୍ଦ, ତଥା ଜିଲ୍ଲାସ୍ତରୀୟ ବରିଷ୍ଠ ପଦାଧିକାରୀଗଣ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଅଡିଟୋରିୟମରେ ମାନ୍ୟବର



ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହର ସିଧା ପ୍ରସାରଣକୁ ରାୟଗଡ଼ ପୌରପରିଷଦ ଅଡିଟୋରିୟମରେ ଏଲ୍.ଇ.ଡି ସ୍କ୍ରିନ୍ ମାଧ୍ୟମରେ ସଫଳତାର ସହ ପ୍ରଦର୍ଶନ କରାଯାଇଥିଲା। ଉପସ୍ଥିତ ଜନସାଧାରଣ, ପୌର କର୍ମଚାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏହି ସିଧା ପ୍ରସାରଣକୁ ଉପଭୋଗ କରିବା ସହ ସହରାଞ୍ଚଳ ବିକାଶର ନୂତନ ଦିଗ୍ ?ଦର୍ଶନ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ ଅଧିନରେ ଯୋଗ୍ୟ ବିବେଚିତ ହିତାଧିକାରି ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇ ଥିଲା । ଏହା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉପସ୍ଥିତ ଜନସାଧାରଣ , ପୌର କର୍ମଚାରି ଏବଂ ଅତିଥି ମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସହରର ସାମଗ୍ରିକ ବିକାଶ, ପରିମଳ ବ୍ୟବସ୍ଥାର ଉନ୍ନତିକରଣ ଏବଂ ସହରାଞ୍ଚଳ ନାଗରିକମାନଙ୍କୁ ଉନ୍ନତମାନର ମୌଳିକ ସୁବିଧା ଯୋଗାଇଦେବା ଦିଗରେ ପୌରପରିଷଦ ନିରନ୍ତର କାର୍ଯ୍ୟ କରୁଛି ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମାରୋହରେ ଶୃଙ୍ଖଳା, ପରିମଳ ତଥା ଜଳଯୋଗାଣର ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ କୁଳଦୀପ କୁମାର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମଟି ସମସ୍ତଙ୍କ ସହଯୋଗରେ ଶାନ୍ତିପୂର୍ଣ୍ଣ ଓ ଆନନ୍ଦଦାୟକ ପରିବେଶ ମଧ୍ୟରେ ସମାପ୍ତ ହୋଇଥିଲା ।

## ସରକାର ଶିକ୍ଷାର କଣ୍ଠରୋଧ ନ କରି ସମସ୍ୟା ସମାଧାନରେ ସହାୟକ ହୁଅନ୍ତୁ : ସମନ୍ୱୟ ସମିତି

**ଭୁବନେଶ୍ୱର, ୩୧/୮ (ନି.ପ୍ର):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ଥିତ ଲୋୟର୍ ପି.ଏମ୍.ଜି. ଗାନ୍ଧିମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ପନ୍ଦର ଦିନରେ ପହଞ୍ଚିଛି । ହଜାର ହଜାର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ପ୍ରଚଣ୍ଡ ଖରା ଓ ତୁହାକୁ ତୁହା ବର୍ଷାକୁ ସହ୍ୟ କରି ରାଜରାସ୍ତାରେ ଅହୋରାତ୍ର ଧାରଣାରେ ବସିଛନ୍ତି । ସରକାର ଶିକ୍ଷାର କଣ୍ଠରୋଧ ନ କରି ଶିକ୍ଷକମାନଙ୍କର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେଇ ସେମାନଙ୍କର ଅଧିକାର ଫେରାଇ ଦିଅନ୍ତୁ ବୋଲି ସମନ୍ୱୟ ସମିତିର ଆବାହକ ରନ କୁମାର ଦାଶ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ସୂଚନା ଥାଉକି, ଶିକ୍ଷକ କର୍ମଚାରୀମାନେ ଦୀର୍ଘ ୧୫ ଦିନ ହେଲା ଦାବି ହାସଲ ପାଇଁ ଶାନ୍ତିପୂର୍ଣ୍ଣ ଭାବରେ ଗାନ୍ଧିମାର୍ଗରେ ଧାରଣାରେ ବସି ରହିଛନ୍ତି । ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନଙ୍କର ଦାବି ନ୍ୟାୟ ସଙ୍ଗତ ଓ ଯୁକ୍ତିଯୁକ୍ତ ହୋଇଥିଲେ ମଧ୍ୟ ସରକାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ନ କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି । ସରକାର ସମସ୍ତ ବର୍ଗର ଲୋକଙ୍କ କଥା ବିଚାର କରୁଥିଲା ବେଳେ ଶିକ୍ଷକମାନଙ୍କ ପ୍ରତି ଅବିଚାର କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯୋଗ୍ୟ ବିବେଚିତ



ବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଅନୁଦାନ ନପାଇ ଶୂନ୍ୟ ହସ୍ତରେ ଅବସର ନେଉଛନ୍ତି ଓ ମୃତ୍ୟୁବରଣ କରୁଛନ୍ତି । ତେଣୁ ଅନୁଦାନରୁ ବାଦ୍ ପଡ଼ିଥିବା ବିଦ୍ୟାଳୟଗୁଡ଼ିକୁ ତୁରନ୍ତ ଅନୁଦାନ ଦେଇ ସେମାନଙ୍କ ମୁହଁରେ ହସ ଫୁଟାନ୍ତୁ । ୩୦ ବର୍ଷରୁ ଊର୍ଦ୍ଧ୍ୱକାଳ ଶିକ୍ଷାଦାନ କରିବା ପରେ ରିକ୍ତ ହସ୍ତରେ ଅବସର ନେଉଥିବା ସମସ୍ତ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀଙ୍କ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ପେନ୍‌ସନ ବ୍ୟବସ୍ଥା ଓ ଚାକିରି ସର୍ତ୍ତାବଳୀ ଲାଗୁ କରାଯାଉ । ଶିକ୍ଷକ କର୍ମଚାରୀମାନଙ୍କର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଅନୁଦାନ ପ୍ରତ୍ୟାଶୀ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ୨୦୦୪ ମସିହା ଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବା ଏବଂ ରାଜ୍ୟର ସମସ୍ତ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସମାନ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ଓ ଓଡ଼ିଶାରେ ଗୋଟିଏ ପ୍ରକାର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପରିଣତ କରି ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଇତ୍ୟାଦି । ଅହୋରାତ୍ର ଧାରଣାର ପଞ୍ଚଦଶ ଦିବସରେ ଆନ୍ଦୋଳନ ସ୍ଥଳରେ ପ୍ରାଥମିକ ଶିକ୍ଷକ ମହାସଂଘର ଆବାହକ ଶ୍ରୀଯୁକ୍ତ ଶ୍ରୀକାନ୍ତ ବାରିକ ଉପସ୍ଥିତ ରହି ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେବା ସହିତ ଏହି ଆନ୍ଦୋଳନ ପ୍ରତି ତାଙ୍କର ସଂଗଠନ ପକ୍ଷରୁ ସମର୍ଥନ ଜଣାଇଛନ୍ତି ।

## ଅଖିଳ ଭାରତୀୟ ସ୍ୱାୟତ୍ତ ଶାସନ ଦିବସରେ ଶିଳ୍ପମନ୍ତ୍ରୀଙ୍କ ଦ୍ୱାରା ବହୁମୁଖୀ ପ୍ରକଳ୍ପ ଉଦ୍‌ଘାଟିତ

## ଜନ ପ୍ରତିନିଧି, ପ୍ରଶାସନ ଓ ସାଧାରଣ ନାଗରିକ ମିଶିଲେ ବିକାଶକୁ କେହି ରୋକି ପାରିବେ ନାହିଁ : ମନ୍ତ୍ରୀ ସମ୍ପଦ ସ୍ୱାଇଁ

**ପାରାଦୀପ,୩୧/୮ (ନି.ପ୍ର):** ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅଗଷ୍ଟ ୩୧ ତାରିଖ ସୋମବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ପୌରାଞ୍ଚଳର ବିଭିନ୍ନ ଓ୍ୱାର୍ଡରେ ନୂତନ ପ୍ରକଳ୍ପ ର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କ୍ଷ ବିଭିନ୍ନ ଓ୍ୱାର୍ଡରେ ନୂତନ ରାସ୍ତା, ଡ୍ରେନ, ଉଦ୍ୟାନ ଓ ଖୋଲା ସ୍ଥାନର ସୌନ୍ଦର୍ଯ୍ୟକରଣ, ମଠ,ମନ୍ଦିର ଓ ଆଶ୍ରମର ଉନ୍ନତିକରଣ, ଗୋଷ୍ଠିଗୃହ, ଶୌଚାଳୟ, ମାର୍କେଟ ଅଞ୍ଚଳର ଉନ୍ନତିକରଣ,ପରିବା ମାର୍କେଟ ର ନୂତନ ଗୃହ ନିର୍ମାଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ସମେତ ଗୁରୁତ୍ୱପୂର୍ଣ୍ଣ ଗୋଶାଳା ଇତ୍ୟାଦି ଉଦଘାଟିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ସ୍ୱାୟତ୍ତ ଶାସନ ଦିବସ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱୟତ ଶାସନ ବ୍ୟବସ୍ଥା ହେଉଛି ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳ ଆଧାର ବୋଲି କହିବାସହ ନାଗରିକର ସ୍ୱର ଶଣିତ ହେଲେ ଶାସନ ବ୍ୟବସ୍ଥା ସଫଳ ରୂପାୟନ ହୋଇଥାଏ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ସ୍ମାର୍ଟ ମିଶନ ମାଧ୍ୟମରେ ସହରାଞ୍ଚଳର ବିକାଶ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ମାନ ଗ୍ରହଣ କରାଯାଇ ଥିଲାବେଳେ ସ୍ମାର୍ଟ ସିଟି ଗଢିବାକୁ ହେଲେ ସ୍ମାର୍ଟ ଲିଭିଂର ଆବଶ୍ୟକତା ଅଛିବୋଲି କହିଥିଲେ । ସହରକୁ ସ୍ୱଚ୍ଛରଖିବାରେ ସଫେଇ କର୍ମଚାରୀ ମାନଙ୍କ ଅବଦାନ କୁ ପ୍ରଶଂସା କରିବାସହ ସେମାନଙ୍କୁ ସଂମ୍ମାନ ଦେବାକୁ ଦୃଢୋକ୍ତିରସହ କହିଥିଲେ । ବିକାଶ ମାନଚିତ୍ର ରେ ପାରାଦ୍ୱୀପ





ଆଗକୁ ବଢ଼ି ଚାଲୁଥିବାରୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ସହରକୁ ସବୁଜ,ସ୍ୱଚ୍ଛ ସୁନ୍ଦର ରଖିବା ସମସ୍ତଙ୍କ ଦାୟିତ୍ୱ ତେଣୁ ଏକକ ପ୍ଲାଷ୍ଟିକ ବର୍ଜନ କରିବାସହ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି କହିଥିଲେ ଏବଂ ସମସ୍ତଙ୍କ ସାହସଯୋଗ କାମନା କରିଥିଲେ । ଜନ ପ୍ରତିନିଧି, ପ୍ରଶାସନ ଓ ସାଧାରଣ ନାଗରିକ ଏହି ୩ ଶକ୍ତି ମିଶିଗଲେ ବିକାଶକୁ କେହି ରୋକି ପାରିବେ ନାହିଁ ବୋଲି ଦୃଢୋକ୍ତିର ସହ କହିଥଲେ । ସଂମ୍ମାନିତ ଅତିଥିଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଯୋଗ ଦେଇ ପାରାଦ୍ୱୀପ ବନ୍ଦର ଆଜି ପଣ୍ୟ କାରବାରରେ ସ୍ୱତନ୍ତ୍ର ସ୍ଥାନ ବଜାଇ ରଖିଥିଲା ବେଳେ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ବେସ ସହାୟକ ହୋଇ ଆସୁ ଥିବାରୁ ସେ ପ୍ରଧାନମନ୍ତ୍ରୀ ଏବଂ ଜାହାଜ ଚଳାଚଳ ମନ୍ତ୍ରୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ପୌର ଉପାଧକ୍ଷା ଛବିଲତା ରାଉତ ଯୋଗ ଦେଇ ପୌରପାଳିକା ଅଧିକାରୀ ତାଙ୍କୁ ଅଣ ଦେଖା କରୁଥିବାରୁ ଖୋଭ ପ୍ରକାଶ କରିବାସହ ଘୃଣା ଚକ୍ଷୁରେ ଦେଖିଥିଲେ । ନିଜର କୋହଭରା ଦୁଃଖକୁ ନିଜ ଅଭିଭାଷଣ ରେ ଅତିରିକ୍ତ ଜିଲ୍ଲାପାଳ ଙ୍କ ଜରିଆରେ ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗ ଦେଇଥିବା ବେଳେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ପାରାଦୀପ ପୌରପାଳିକା ଦ୍ୱାରା ଜନସାଧାରଣଙ୍କୁ ମିଳୁଥିବା ମୌଳିକ ସୁବିଧା, ବସ୍ତିବାସିନ୍ଦାଙ୍କ ବିକାଶ ତଥା ମହିଳା ସଶକ୍ତିକରଣ ଓ ସ୍ୱାୟତ୍ତ ଶାସନ ଦିବସର ମହତ୍ୱ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରି ପୌରାଞ୍ଚଳର ବିକାଶ କ୍ଷେତ୍ରରେ ପରାଧକ୍ଷ ଶ୍ରୀ ବିଶ୍ୱାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ନିରବଚ୍ଛିନ୍ନ ପ୍ରାୟସ ଏବଂ ନିର୍ବାହୀ ଅଧିକାରୀ ଶ୍ରୀ ପଣ୍ଡା ଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ କ୍ଷ ତେବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ବ୍ୟକ୍ତି ଓ ଅନୁଷ୍ଠାନ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଲ୍ ଓଡ଼ିଶା ମିନାବଜାର ମହାସଂଘର ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ

**କଟକ,୩୧/୮ (ନି.ପ୍ର) :** ଅଲ୍ ଓଡ଼ିଶା ମିନାବଜାର ମହାସଂଘର ୬ଷ୍ଠ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟା ୩୦ ମିନିଟ୍ ?ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାସଂଘର କର୍ମକର୍ତ୍ତା, ସଦସ୍ୟ ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ମିନାବଜାର ବ୍ୟବସାୟୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବ କୁ ଉଦଘାଟନ କରିଥିଲେ। ହିନ୍ଦୁସେନା ରାଜ୍ୟ ସମ୍ପାଦକ ତଥା ସମାଜସେବୀ ସୌମିତ୍ର ଲେଙ୍କା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ଦେଇଥିଲେ। ହିନ୍ଦୁସେନା ରାଜ୍ୟ ସଭାପତି ତଥା ମହାସଂଘ ର ସହ ସମ୍ପାଦକ ଦେବାଶିଷ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ



ବିଧାୟକ ବିଜୟ କୁମାର ଦଳବେହେରା, ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା , ମହାସଂଘ ର ମୁଖ୍ୟ ଉପଦେଷ୍ଟା ତଥା ବିଜେପି ଜିଲ୍ଲା ସଭାପତି(ଗ୍ରାମୀଣ) ରାମନାରାୟଣ ମହାନ୍ତି, ଗଣେଷ ମହୋତ୍ସବ ସଭାପତି ସରୋଜ ସିଂହ, ସମାଜସେବୀ ବିଶ୍ୱଜିତ ସୂର୍ଯ୍ୟବଂଶି, ମହାସଂଘ ର ସଭାପତି ଅନନ୍ତ ଚରଣ ସାହୁ, ଉପସଭାପତି ସମସାଦ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ମହାସଂଘ ପକ୍ଷରୁ ଅତିଥିମାନଙ୍କୁ ସ୍ୱାଗତ କରାଯିବା ସହ ବାର୍ଷିକ ଉତ୍ସବର ଉଦ୍ଦେଶ୍ୟ ଓ ମହାସଂଘର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ଅବସରରେ ମିନାବଜାର ବ୍ୟବସାୟୀ ମାନଙ୍କ ବିଭିନ୍ନ ସମସ୍ୟା, ବ୍ୟବସାୟିକ ସୁରକ୍ଷା, ମୌଳିକ ସୁବିଧା, ପ୍ରଶାସନିକ ସହଯୋଗ ଓ ବ୍ୟବସାୟ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ନେଇ ଆଲୋଚନା ହୋଇଥିଲା। ବାଚସ୍ପତି ଶ୍ରୀମତୀ ପାଢୀ ମଧ୍ୟ ଦୋଳି ମହାସଂଘ ର ପ୍ରୟାସ, ଆୟୋଜନ ଓ ଓଡ଼ିଆ ପର୍ବପର୍ବାଣି ରେ ସହଭାଗିତାକୁ ଖୁବ୍ ପ୍ରଶଂସା କରିବା ସହିତ ଆବଶ୍ୟକ ପଡିଲେ ସମବାୟ ବିଭାଗ ଦ୍ୱାରା ଦୋଳି ନିର୍ମାଣ କୁ ସହାୟତା ଯୋଗାଇବାର କଥା କହିଥିଲେ। ଆଗାମୀ ଦିନରେ ମିନାବଜାର ବ୍ୟବସାୟୀଙ୍କ ସମସ୍ୟା ସମାଧାନ ଦିଗରେ ମହାସଂଘ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବ ବୋଲି ମତ ପ୍ରକାଶ ପାଇଥିଲା। ମହାସଂଘ ସାଧାରଣ ସମ୍ପାଦକ ଅଭିଷେକ ଜେନା ଧନ୍ୟବାଦ ଦେଇଥିଲେ। ଉତ୍ସବ ରେ ଯୋଗଦେଇଥିବା ସମସ୍ତ ଦୋଳି ମିନବଜାର ମାଲିକ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

## ଆସନ୍ତା ୧୨ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୩୧।୮ (ଯୁବମୋର୍ଚ୍ଚା):** କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ୧୨.୦୯.୨୦୨୬ ରିଖ ଶନିବାର ପୂର୍ବାହ୍ନ ୧୦ ଘଟିକା ସମୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ଆଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ । ଏ ସମ୍ବନ୍ଧରେ ଅଧିକ ତଥା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, କଟକର ଟେଲିଫୋନ ନମ୍ବର ୦୬୭୧-୨୩୬୮୩୮୩ରେ ଯୋଗାଯୋଗ କରିବାକୁ କୁହାଯାଇଛି ।

## ଯୋଡ଼ା ପୌରପାଳିକା ରେ ସ୍ୱାୟତ ଶାସନ ଦିବସ ପାଳିତ

**ଯୋଡ଼ା,୩୧/୦୮ (ନି.ପ୍ର):** କେନ୍ଦୁଝର ଜିଲ୍ଲାର ଯୋଡ଼ା ପୌରପାଳିକା ରେ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଅଛି ।ତେବେ ସକାଳ ୪.୩୦ ଘଟିକା ରୁ ଆରମ୍ଭ ହୋଇ ରାତ୍ର ୧୦ ଘଟିକା ରେ ଶେଷ ହୋଇଛି। ସକାଳ ୪.୩୦ ମିନିଟ ସମୟରେ ପ୍ରଭାତ ଫେରି, ୭ ଘଟିକା ରେ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ,୮ ଘଟିକା ରେ ନଗରପାଳ ଙ୍କ ଦ୍ୱାରା ପୌରପାଳିକା ରେ ପତାକା ଉତ୍ତୋଳନ, ୯ ଘଟିକା ରେ ଛାତ୍ର ଛାତ୍ରୀ ଙ୍କୁ ମିଷ୍ଠାନ ବଣ୍ଟନ ,୧୦ ଘଟିକା ରେ ସ୍ମୃତି ବନରେ ବୃକ୍ଷ ରୋପଣ



,୧୧ଘଟିକା ରେ ମାନ୍ୟଗଣ ବ୍ୟକ୍ତି ଙ୍କୁ ସମ୍ମାନ ଓ କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ବିତରଣ ସହ ସାଧାରଣ ସଭା ଏବଂ ସନ୍ଧ୍ୟା ୭ ଘଟିକା ରୁ ସଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତ୍ର ୧୧ ଘଟିକା ରେ ଶେଷ ହୋଇଥିଲା ।ଏହି ସଭାରେ ପୋ ?ରାଦକ୍ଷ ଡକ୍ଟର. ଜଗଦୀଶ ପ୍ରସାଦ ସାହୁ ଉଦ୍ବୋଦନ ଦେଇ କହିଥିଲେ ଯେ ଯୋଡ଼ା ପୌରପାଳିକା ରେ ସ୍ଥିତ ୧୪ ଟି ଓ୍ୱାର୍ଡ ର କିପରି ସର୍ବାଙ୍ଗୀନ ଉର୍ଣ୍ଣତି ହୋଇପାରିବ ତାହା ଆମ୍ଭ ପୌରପରିଷଧ ସର୍ବଦା ଚେଷ୍ଟିତ ।ସ୍ୱାୟତ ଶାସନ ଅର୍ଥାତ ନିଜ ଆୟତ୍ତ ମଧ୍ୟରେ ଶାସନ ପଦ୍ଧତି କୁ ରଖି ଛୁଆ ଠୁ ଆରମ୍ଭ କରି ବୃଦ୍ଧ ବୃଦ୍ଧା ଙ୍କ ପର୍ଯ୍ୟନ୍ତ ସର୍ବାଙ୍ଗୀନ ଉର୍ଣ୍ଣତି ସହ ଯୋଡ଼ା ସହରର ପର୍ଯ୍ୟାବରଣ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରାସ୍ତା ଘାଟର ଉର୍ଣ୍ଣତି କରଣ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଯୋଡ଼ା କାର୍ଯ୍ୟନିର୍ବାହୀ ଅଧିକାରୀ ସେତ୍ୱପଦ୍ମା ଧଳ ବାର୍ଷିକ ବିବରଣୀ ପାଠ କରିଥିଲେ ।ତେବେ ଏହି ଶୋଭା ରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା,ସମ୍ମାନନିୟ ଅତିଥି ଭବେ ଜୋଡ ଟାଟା ଚିଫ ଗେଡେଲା ଭି.ସତ୍ୟନାରାୟନ, ପୁର୍ବତନ ବିଧାୟକ ଜିତୁ ପଟନାୟକ,ଏବଂ ମୁଖ୍ୟ ବକ୍ତା ଭାବେ ବଡ଼ବିଲ ମହାବିଦ୍ୟାଳୟ ର ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରଫେସର ଡକ୍ଟର ଅସିତ କୁମାର ପ୍ରଧାନ ଯୋଗଦେଇଥିଲେ। ଅତିଥି ମାନେ ନିଜ ବକ୍ତବ୍ୟ ରେ କହିଥିଲେ ଯେ ଯୋଡ଼ା ସହରକୁ ସ୍ୱଚ୍ଛ, ପରିଷ୍କାର ରଖିବାରେ ସତାଧିକ ସଫେଇ କର୍ମଚାରୀ ଙ୍କ ମୁଖ୍ୟ ଭୂମିକା ରହିଛି। ଏଣୁ ସମସ୍ତେ ମିଶିକି କାମ କରିବା ପାଇଁ ଆହ୍ୱାନ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ଯୋଡ଼ା ପୌରପାଳିକା ର ଉପନଗରପାଳ ଶ୍ରୀମତୀ ସନ୍ଧ୍ୟା ପାତ୍ର ଏବଂ ୧୪ ଟି ଓ୍ୱାର୍ଡ ର ଓ୍ୱାର୍ଡସଭ୍ୟ ଏବଂ ପୌରପାଳିକା ର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ସୁଚାରୁ ରୁପେ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ, ୩୧।୮ (ନି.ପ୍ର):** ମାହାଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୩୭୫ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୩୫୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୨ଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୨୯୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ



ପଦକ୍ଷେପ ଗ୍ରହଣ କରାଯାଇଥିଲା ।ଏହି ଅଭିଯୋଗ ଶୁଣାଣି ସ୍ଥଳରେ , ଆରକ୍ଷୀ ଅଧିକ୍ଷକ ଶ୍ରୀ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଶ୍ରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଶ୍ରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ସେପ୍ଟେମ୍ବର ୭ ତାରିଖରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

## କମିଶନରେଟ୍ ପୋଲିସ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ

**ଜଟଣୀ,୩୧।୮ (ନି.ପ୍ର):** ଓଡ଼ିଶା ପ୍ରସିଦ୍ଧ ଜଟଣୀର ଗଜାନନଙ୍କ ପୂଜା ମହୋତ୍ସବ ଗଣେଶ ଚତୁର୍ଥୀ ଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମାରେ ବିସର୍ଜନ ହୁଏ । ଜଟଣୀ ଗଣେଶ ପୂଜା ମହୋତ୍ସବ ଆଗକୁ ଆସୁଥିବାକୁ ନେଇ, କମିଶନରେଟ ପୋଲିସ ପୁରା ସଜାଗ । କମିଶନରେଟର ପ୍ରସ୍ତୁତ ବୈଠକରେ ଯୋଗଦେଇଥିଲେ, ଜଟଣୀ ଗଣେଶ ମଣ୍ଡପର କର୍ମକର୍ତ୍ତାଙ୍କ ସହିତ ବଜାର କମିଟିର ସମ୍ପାଦକ, ସଭାପତି ପ୍ରମୁଖ । ଏତଦ୍ ?ବ୍ୟତୀତ ପ୍ରଶାସନିକ ଅଧିକାରୀ ମାନେ ବୈଠକରେ ଯଥାକ୍ରମେ ଯୋଗଦାନ କରିଥିଲେ, ତହସିଲଦାର ଶିବାଶିଷ ପରିଡ଼ା, ପଞ୍ଚାୟତ ସମିତି ନିର୍ବାହି ଅଧିକାରୀ ବସନ୍ତ କୁମାର ହାତୀ, ପୌର ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ନଗରପାଳ ଅନନ୍ତ ବେହେରା । ତତସହିତ ବ୍ୟବସାୟୀ ମହାସଂଘର ସଭାପତି ସୁଦର୍ଶନ ସୁନ୍ଦରାୟ, ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା ଏବଂ ବିଧାୟକ ପ୍ରତିନିଧି ଅନନ୍ତ ଶତପଥୀ ପ୍ରମୁଖ



ମଞ୍ଚାସୀନ ଥିଲାବେଳ, ଓ୍ୱାଟକୋ ଅଧିକାରୀ, ବିଦ୍ୟୁତିକ ଅଧିକାରୀ, ଆରପିଏଫ୍ ଅଧିକାରୀ, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ଅଗ୍ନିଶମ ବିଭାଗର ଅଧିକାରୀ ଏବଂ ଅବକାରୀ ବିଭାଗ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ପବିତ୍ର ଗଣେଶ ପୂଜା ଉତ୍ସବ ଜଟଣୀର ଅନ୍ୟତମ ମହୋତ୍ସବ । ଯେଉଁ ମହୋତ୍ସବରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ବେଳେ, ନାନାବିଧ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୁର ହୋଇଥାଏ । ଜଟଣୀରେ ଗଜାନନଙ୍କ ପୂଜା, ଚତୁର୍ଥୀ ଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ବିସର୍ଜନ ହୋଇଥାଏ । ଜଟଣି ଗଣେଶ ପୂଜାର ବଡ ବିଶେଷତ୍ୱ ରହିଛି, ମଣ୍ଡପରେ ଗଣେଶଙ୍କ ସହ ମା ଲକ୍ଷ୍ମୀ ଓ ସରସ୍ୱତୀ ଏକତ୍ର ପୂଜା ପାଇଆନ୍ତି । ସକାଳ ସନ୍ଧ୍ୟାରେ ଆଳତୀ ସହିତ ବିଭିନ୍ନ ପ୍ରକାର ଭୋଗ ଲାଗି ହେଉଥିବାବେଳ, କତେକ ମଣ୍ଡପରେ ଖେଚୁଡି ଭୋଗ ମଧ୍ୟ ହୋଇଥାଏ । ଚଳିତବର୍ଷ ତେରଦିନ ଧରି ମଣ୍ଡପରେ ପୂଜା ପାଇବେ ଗଜାନନ । ଛୋଟ ବଡ଼ ହୋଇ ୧୦୦ ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ପ୍ରଭୁ ଗଜାନନ ପୂଜା ପାଉଥିଲା ବେଳେ, ସ୍ୱୀକୃତି ପ୍ରାପ୍ତ ୪୦ ଟି ମଣ୍ଡପକୁ ପ୍ରାଧାନ୍ୟ ଦିଆଯାଏ । କମିଶନରେଟ ପୁଲିସ ପକ୍ଷରୁ ଆୟୋଜିତ ହୋଇଥିବା ପ୍ରସ୍ତୁତି ବୈଠକ, ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କମିଶନରେଟ ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଡିସିପି ସଞ୍ଜୟ କୁମାର ମହାପାତ୍ର ଯୋଗଦେଇ ମଣ୍ଡପର କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ, ସଙ୍ଗମତା ମଧ୍ୟରେ ରହି ପୂଜା ଉତ୍ସବ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ତାହା ସହିତ କହିଥିଲେ, ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଅତି ଉଚ୍ଚ ଶବ୍ଦ ଯୁକ୍ତ ବାଦ୍ୟଯନ୍ତ୍ର, ଡିଜେ ବାଜିବା ନିଷେଧ ଉପରେ ଗୁରୁତ୍ୱ ଦେଇଥିଲେ । ସନ୍ମାନିତ ଅତିଥି ଜୋନ୍ ୩ ଏସିପି ପ୍ରଶାନ୍ତ କୁମାର ସାହୁ କହିଥିଲେ, ପୂର୍ବବର୍ଷ ଭଳି ଚଳିତବର୍ଷ ମଣ୍ଡପ ପରମିସନ୍ ଥାନାରେ ସିଙ୍ଗଲ୍ ଓ୍ୱିଣ୍ଡୋର ସୁଯୋଗ ମିଳିବ । ପରିଶେଷରେ ଥାନା ଅଧିକାରୀ ଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୋଟିସ୍

ମୁଁ କୈଳାସ ଚନ୍ଦ୍ର ସାହୁ, ଠିକଣା – ସା/ପୋ – ମହାନଦୀ ବିହାର, ଜିଲ୍ଲା – କଟକ, ଓଡ଼ିଶା। ଜଣାଇବାକୁ ଚାହୁଁଛି ଯେ, ମୋର ସମ୍ପତ୍ତି ସମ୍ବନ୍ଧୀୟ ଲିଙ୍କ ପଟ୍ଟା, ଯାହା ଉତ୍ତଇ, କଟକ ନିକଟସ୍ଥ ଅଞ୍ଚଳରେ ହଜିଯାଇଛି। ଉକ୍ତ ସମ୍ପତ୍ତିର ଖାତା ନମ୍ବର – ୬୫୦/୪୬୮ ଏବଂ ପ୍ଲଟ୍ ନମ୍ବର – ୩୪୯/୨୦୫୯ ।ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଲିଙ୍କ ପଟ୍ଟାଟି ପାଇଥାନ୍ତି, ତେବେ ଦୟାକରି ଏହି ମୋବାଇଲ୍ ନମ୍ବର ୯୪୩୭୦୨୪୮୭ରେ ଯୋଗାଯୋଗ କରି ଜଣାଇବାକୁ ଅନୁରୋଧ।

Advocate Name: Akshaya Kumar Behera
Address: At-Ganga Mandir, Po- Buxi Bazar, Ps- Lalbag, Cuttack-753001.
Contact No.:7008937768,
E-mail Address:advakshaya2019@gmail.com

